ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୬୨
୧୯ ନଭେମ୍ବର, ୨୦୨୫ ବୁଧବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 162
19th November, 2025 Wednesday
Bhubaneswar

ODISHA EXPRESS  SIGHTS TRUTH WRITES TRUTH  ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in  E-mail : odishaexpress@gmail.com  RNI Regd. No. ODIODI/2006/23033  Postal Regd. No. : BN/169/13-15  ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଓଁ ୟାଂ ମେଧାଂ ଦେବାଗଣଃ ପିତରଶ୍ଚୋ ପାସତେ
ତୟା ମା ମଧ୍ୟ ମେଧୟା ଅଗ୍ନେ ମେଧାବିନଂ କୁରୁ**

ହେ ମେଧାବାନ୍ ପରମାତ୍ମା ! ଆମର ଦେବଗଣ, ଋଷିଗଣ ଓ ପିତୃପୁରୁଷ ଯେଉଁ ମେଧା ବୁଦ୍ଧିର ପ୍ରାର୍ଥନା, ଉପାସନା ଓ ଯାଚନା ସବୁବେଳେ କରି ଆସିଛନ୍ତି, ଆପଣ ଆମ ସମସ୍ତଙ୍କୁ ସେହି ମେଧା ବୁଦ୍ଧି ପ୍ରଦାନ କରନ୍ତୁ, ଯଦ୍ୱାରା ଆମର ସମସ୍ତ ଶୁଭକାର୍ଯ୍ୟ ଯଥାବିଧି ସମ୍ପନ୍ନ ହେବ ।

# ଦୁର୍ଦ୍ଧାନ୍ତ ମାଓବାଦୀ ହିଡ଼ମା ନିହତ

**ନୂଆଦିଲ୍ଲୀ,୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



କୁଖ୍ୟାତ ମାଓବାଦୀ ମାଡଭୀ ହିଡମାର ସବୁ ଖେଳ ଶେଷ। ଏକାଧିକ ରାଜ୍ୟରେ ପୁଲିସ୍‌ର ନିଦ ହଜାଇ ଦେଇଥିବା ହିଡମାର ହୋଇଛି ଦି ଏଣ୍ଡ। ଦୀର୍ଘ ବର୍ଷ ହେଲାଣି ନକ୍ସଲ ସାମ୍ରାଜ୍ୟରେ ନିଜର ଦବଦବା ଜାରି ରଖିଥିବା ହିଡମା ଶେଷରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛି। ସୁରକ୍ଷାକର୍ମୀ ଓ ସାଧାରଣ ଲୋକଙ୍କ ଉପରେ ୨୬ ଥର ଆକ୍ରମଣ କରିଥିବା ହିଡମା ଓ ତା'ର କିଛି ସାଥୀ ଆଜି ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ଆଲ୍ଲୁରି ସୀତାରାମରାଜ ଜିଲ୍ଲାରେ ଆଜି ହୋଇଥିବା ଏନକାଉଣ୍ଟରେ ଏଭଳି ସଫଳତା ମିଳିଛି।

ଆନ୍ଧ୍ର-ଛତିଶଗଡ-ଓଡ଼ିଶା ସୀମାରେ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଗୁଇନ୍ଦା ବିଭାଗ ସୂଚନା ଦେଇଥିଲା। ଏହି ସୂଚନା ପରେ ଆରମ୍ଭ ହୋଇଥିଲା ଅପରେସନ। ଏହି ସମୟରେ ମାରେଡୁମିଲ୍ଲି ଜଙ୍ଗଲ ନିକଟରେ ଆନ୍ଧ୍ର ପୁଲିସ୍ ଓ ମାଓବାଦୀଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଭୟଙ୍କର ଗୁଳି ବିନିମୟ। ଏଥିରେ ହିଡମା ଓ ତା'ର ପତ୍ନୀ ସମେତ ୬ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଛି। ଏବେ ବି ଅପରେସନ ଜାରି ରହିଥିବାରୁ ଆଗକୁ ଆହୁରି ଅନେକ ମାଓବାଦୀଙ୍କ ମୃତଦେହ ମିଳିବାର ଆଶା ରହିଛି।

ଆନ୍ଧ୍ର ପ୍ରଦେଶ ଡିଜିପି ହରିଶ କୁମାର ଗୁପ୍ତା କହିଛନ୍ତି ଯେ ଆଜି ସକାଳ ୬ଟାରୁ ୭ଟା ମଧ୍ୟରେ ଏନକାଉଣ୍ଟର ହୋଇଥିଲା। ଏହି ଗୁଳି ବିନିମୟରେ ୬ ଜଣ ମାଓବାଦୀ ନିହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଟପ ମାଓବାଦୀ ଲିଡର ରହିଛି। ଏବେ ଗୋଟିଏ ବଡଧରଣର କମ୍ବିଂ ଅପରେସନ ଜାରି ରହିଥିବା ସେ କହିଛନ୍ତି। (ଶେଷ ପୃଷ୍ଠା ଦେଖନ୍ତୁ)

## ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୯ ଟାସ୍କ

# ଗ୍ରାଉଣ୍ଡରେ କାମ କର: ଗାଦିମଡ଼ାଙ୍କୁ ହଟାଅ

**ଭୁବନେଶ୍ୱର,୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**




ଦୁଇ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀ ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଭାଷଣ ରଖି ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟରେ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଏଥିରେ ସେ ଜିଲ୍ଲାପାଳମାନଙ୍କୁ ୯ଟି ପରାମର୍ଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଅଧିକ କ୍ଷେତ୍ର ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ରାଜସ୍ୱ ମନ୍ତ୍ରୀ ସରକାରୀ କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବାକୁ ଆହ୍ୱାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମିସନ୍ ପାୱାରକୁ ଗୁରୁତ୍ୱ ଦେଇଛନ୍ତି। ସେ ଜିଲ୍ଲାପାଳଙ୍କ ସମ୍ମିଳନୀରେ ସରକାରୀ ଦପ୍ତରରେ ଓଡ଼ିଆ ଭାଷାର କାର୍ଯ୍ୟକାରିତାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ବିଭିନ୍ନ ବିଭାଗର ଚିଠିପତ୍ର ଓ ବିଜ୍ଞପ୍ତି ଓଡ଼ିଆରେ ଲେଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ କହିଛନ୍ତି ।

ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଦେଖି ମୁଖ୍ୟମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛନ୍ତି। ଗଞ୍ଜାମ ଜିଲ୍ଲା ଆସିକାର ସୁବର୍ଣ୍ଣପୁର ଗାଁରେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ ବିଦ୍ୟୁତ୍ ସଂଯୋଗ ନଥିବାରୁ ପିଲାମାନେ ଲଣ୍ଠନ ଓ ମହମବତୀରେ ପାଠ ପଢୁଥିବା ବିଷୟରେ ସେ ଉଦବେଗ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ (ଶେଷ ପୃଷ୍ଠା ଦେଖନ୍ତୁ)

# ଏସସିବି ଆଇସିୟୁ ଭିତରେ ଯୁବତୀଙ୍କୁ ଅସଦାଚରଣ !

**କଟକ,୧୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ବଡ଼ ଡାକ୍ତରଖାନାରେ ଘଟିଛି ଲଜ୍ଜାଜନକ ଘଟଣା। ବଡ଼ ଡାକ୍ତରଖାନାର ଆଇସିୟୁ ୱାର୍ଡ ଭିତରେ ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ମଙ୍ଗଳବାଗ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଉଛି ଆଇସିୟୁ ଆଟେଣ୍ଡାଣ୍ଟ ମାନସ ରଞ୍ଜନ ପତି ଓ ତା' ଘର ଯାଜପୁର ଅଞ୍ଚଳରେ।

ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ, ଗତ ରବିବାର ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଯୁବତୀ ଆଇସିୟୁରେ ଥିବା ସମୟରେ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଆଇସିୟୁରେ ପଶି ତାଙ୍କୁ ଅସଦାଚରଣ କରିଥିଲେ। ଅନ୍ୟପଟେ ଏଭଳି ଅଭିଯୋଗ ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ରାଜ୍ୟର ସବୁଠୁ ବଡ଼ ଡାକ୍ତରଖାନାରେ ରୋଗୀ କେତେ ସୁରକ୍ଷିତ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଖାଲି ହେବାକୁ ଥିବା ୪ ରାଜ୍ୟସଭା ସିଟ୍‌ରୁ ୨ଟି ବିଜେପିର ପକ୍କା

**ଭୁବନେଶ୍ୱର,୧୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ପରେ ବିଜେପିର ରାଜ୍ୟସଭା ମିଶନ୍। ବଡ଼ ବୟାନ ରଖିଛନ୍ତି ସାଂସଦ ସୁଜିତ୍ କୁମାର। ସେ କହିଛନ୍ତି, ଆସନ୍ତାବର୍ଷ ଖାଲି ହେବାକୁ ଥିବା ୪ ରାଜ୍ୟସଭା ସିଟରୁ ଦୁଇଟି ବିଜେପିର କ୍ଲିୟର ଅଛି। ଗୋଟିଏ ବିଜେଡ଼ିକୁ ଯିବ। ଗୋଟିଏ ସିଟ୍‌ରେ ସଂଖ୍ୟା ଦ୍ୱନ୍ଦ୍ୱ ରହିଛି। ବିଜେପି ଚତୁର୍ଥ ସିଟ୍‌କୁ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଦଳ ନିହାତି ନେବା ବି ଦରକାର। ଆସନ୍ତା ବର୍ଷ ଏପ୍ରିଲରେ ୪ଟି ରାଜ୍ୟସଭା ସିଟ୍ ଖାଲି ହେବ। ସୁଜିତ୍ କୁମାର, ମମତା ମହାନ୍ତ, ମୁନା ଖାଁ ଓ ନିରଞ୍ଜନ (ଶେଷ ପୃଷ୍ଠା ଦେଖନ୍ତୁ)

# ୫ ଜିଲ୍ଲାକୁ 'ଜାତୀୟ ଜଳ ପୁରସ୍କାର'ରେ ସମ୍ମାନିତ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ଷଷ୍ଠ ଜାତୀୟ ଜଳ ପୁରସ୍କାର-୨୦୨୪ ଏବଂ ଜଳ ସଂଚୟ ଜନ ଭାଗୀଦାରୀ ପୁରସ୍କାର ପ୍ରଦାନ କରିଛନ୍ତି। ଜଳ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଅନୁକରଣୀୟ କାର୍ଯ୍ୟ ପାଇଁ ୧୦ଟି ବର୍ଗର ମିଳିତ ବିଜେତାଙ୍କ ସମେତ ୪୬ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଏକ ପ୍ରଶସ୍ତିପତ୍ର, ଏକ ଟ୍ରଫି ଏବଂ କିଛି ବର୍ଗରେ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା।

ଚଳିତ ବର୍ଷ ମୋଟ ୧୦୦ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏଥିରେ ତିନୋଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ, ୬୭ ଜିଲ୍ଲା, ଛଅଟି ନଗର ନିଗମ, ଗୋଟିଏ ପୌର (ଶେଷ ପୃଷ୍ଠା ଦେଖନ୍ତୁ)

# ୧୦ ଜଣଙ୍କ ନାଁରେ ଏନ୍‌ଆଇଏ ଚାର୍ଜସିଟ୍

**ଭୁବନେଶ୍ୱର,୧୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ବାଂଲାଦେଶୀ ନାବାଳିକାକୁ ଓଡିଶା ଚାଲାଣ ମାମଲାରେ ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ୧୦ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଏନ୍‌ଆଇଏ ଭୁବନେଶ୍ୱରସ୍ଥିତ ଏକ କୋର୍ଟରେ ଏହି ଚାର୍ଜସିଟ୍ ଦାଖଲ କରିଛି। ଅଭିଯୁକ୍ତମାନେ ବାଂଲାଦେଶୀ ନାବାଳିକାଙ୍କୁ ଚାକିରି ପ୍ରଲୋଭନ ଦେଖାଇଥିଲେ। ସୂଚନା ଅନୁସାରେ ଅଭିଯୁକ୍ତମାନେ ପରିବାର ଲୋକଙ୍କୁ ଆର୍ଥିକ ଲୋଭ ଦେଖାଇ ତଥା ଓଡିଶାରେ ଚାକିରି ପ୍ରଲୋଭନ ଦେଖାଇ ନାବାଳିକାକୁ ଆଣିଥିଲେ। ତଦନ୍ତ ସମୟରେ ଏନ୍‌ଆଇଏ ମାନବ ଚାଲାଣ ରାକେଟ୍ ସଂପର୍କରେ ଅନେକ ତଥ୍ୟ ହାସଲ କରିଛି। ଓଡିଶା ପୁଲିସ ଆରମ୍ଭରୁ ପୋକ୍‌ସୋ କୋର୍ଟରେ ୬ ଜଣ ଅଭିଯୁକ୍ତଙ୍କ ବିରୋଧରେ ୨ଟି ଚାର୍ଜସିଟ୍ ଦାଖଲ କରିଥିଲା। ପ୍ରମାଣ ହସ୍ତଗତ ହେଲା ପରେ ଏନ୍‌ଆଇଏ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇଜଣଙ୍କୁ ଗିରଫ କରିଥିଲା। ଏନ୍‌ଆଇଏ (ଶେଷ ପୃଷ୍ଠା ଦେଖନ୍ତୁ)

# ସାଲିଆ ସାହିରେ ଘର ଭଙ୍ଗା ବେଳେ ଉତ୍ତେଜନା

**ଭୁବନେଶ୍ୱର,୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଭୁବନେଶ୍ୱର ସାଲିଆସାହିରେ ନାହିଁ ନଥିବା ଉତ୍ତେଜନା। ମଙ୍ଗଳବାର ବିଡିଏ ଓ ବିଏମସି ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଉଚ୍ଛେଦ ଅଭିଯାନ ବେଳେ ପୁଲିସ ଓ ବସ୍ତି ବାସିନ୍ଦା ମୁହାଁମୁହିଁ ହୋଇଛନ୍ତି। ସେପଟେ ବସ୍ତି ବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ଥଇଥାନ ନ କରି ଉଚ୍ଛେଦ କରୁଛନ୍ତି। ଆମକୁ ଘର ଦେଇନାହାନ୍ତି। ବସ୍ତି ବାହାର ଲୋକଙ୍କୁ ସବୁ ଦିଆଯାଇଛି।

ସାଲିଆ ସାହିରେ ବୁଲଡୋଜର ଭାଙ୍ଗିଲା ଘର। ନନ୍ଦନକାନନରୁ ଜୟଦେବ ବିହାରକୁ ଯୋଡିବାକୁ ଏକାମ୍ରକାନନରୁ ସମାନ୍ତରାଳ ବାମପାର୍ଶ୍ୱର ରାସ୍ତା କାମ ଅଧାରେ ଅଟକି ରହିଛି। ୨୦୦ ଫୁଟିଆ ଏ ରାସ୍ତାକାମରେ ବସ୍ତି ବାସିନ୍ଦାଙ୍କ ଘର ବାଧକ ସାଜୁଛି। ଏଥିପାଇଁ ସରକାରୀ ଘର ପାଇବା ପରେ ବି ଘର ଛାଡୁନଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ବିଡିଏ ବିଏମସିର ଯୁଗ୍ମ ଏନଫୋର୍ସମେଣ୍ଟ ଟିମ୍ ପହଞ୍ଚି ବହୁ ଘର (ଶେଷ ପୃଷ୍ଠା ଦେଖନ୍ତୁ)

# ତ୍ରୁଟିଶୂନ୍ୟ ଧାଡ଼ି ଦର୍ଶନ ସରକାରଙ୍କ ଲକ୍ଷ୍ୟ

**ଭୁବନେଶ୍ୱର,୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ତ୍ରୁଟିଶୂନ୍ୟ ଭାବେ ଧାଡ଼ି ଦର୍ଶନ କରିବାକୁ ସରକାର ଚେଷ୍ଟା କରୁଛନ୍ତି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଧାଡ଼ି ଦର୍ଶନରେ ବ୍ୟବହୃତ ରାମ୍ପକୁ ସୋମବାର ମୁଖ୍ୟ ପ୍ରଶାସକ ଏବଂ ପରିଚାଳନା କମିଟି ସଦସ୍ୟ ଅନୁଧ୍ୟାନ କରିଛନ୍ତି। ନାଟ ମଣ୍ଡପରେ ରାମ୍ପ୍ ଲାଗିବା ଏକ ସମ୍ପୂର୍ଣ୍ଣ ନୂଆ ପଦକ୍ଷେପ। ଯାହା ମତାମତ ଅଛି ତାକୁ ଦୃଷ୍ଟିରେ ରଖି କିଛି ପରିବର୍ତ୍ତନ କରାଯିବ। ଶୃଙ୍ଖଳିତ ନୀତିକାନ୍ତି ପାଇଁ ରାମ୍ପକୁ ହଟାଇବା ଏବଂ ସମାନ୍ତରାଳ ଭାବେ ଦର୍ଶନ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏସବୁକୁ ତଦାରଖ ପରେ ଏହା କାର୍ଯ୍ୟକାରୀ କରାଯିବ। ମୁଖ୍ୟ ପ୍ରଶାସକ ଏବଂ ପରିଚାଳନା କମିଟି ସଦସ୍ୟ ଯେଉଁ ପ୍ରସ୍ତାବ ଦେଇଛନ୍ତି ଏହାକୁ ଅନୁଧ୍ୟାନ କରିବା ପରେ ପଦକ୍ଷେପ ନିଆଯିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

# ଗଠନ ହେବ ୩ ମହାନଗରରେ ୪ ନୂଆ ତହସିଲ

**ଭୁବନେଶ୍ୱର,୧୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଗଠନ ହେବ ଆଉ ୪ ନୂଆ ତହସିଲ। ୩ ମହାନଗରରେ ହେବ ୪ ନୂଆ ତହସିଲ। ଭୁବନେଶ୍ୱର, କଟକ ଓ ସମ୍ବଲପୁର ମହାନଗର ନିଗମରେ ଏହି ୪ ନୂଆ ତହସିଲ ସୃଷ୍ଟି କରାଯାଇଛି। ଭୁବନେଶ୍ୱରରେ ଆଉ ୨ଟି ନୂଆ ତହସିଲ ହେବ। ସେହିପରି କଟକରେ ଗୋଟିଏ ନୂଆ ତହସିଲ ହେବ। ସମ୍ବଲପୁରରେ ମଧ ଗୋଟିଏ ନୂଆ ତହସିଲ କରାଯିବ। ନଗରାଞ୍ଚଳ ସୀମା ବଢ଼ିବାରୁ ରାଜସ୍ୱ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

# ବନ୍ଦ ଚିନିକଳ ଖୋଲିବ କେବେ ?

**ଭୁବନେଶ୍ୱର,୧୮।୧୧: ତଥ୍ୟ**



ଓଡ଼ିଶା ପାଇଁ ବର୍ଷକୁ ପ୍ରାୟ ଅଢ଼େଇ ଲକ୍ଷ ମେଟ୍ରିକ ଟନ୍ ଚିନି ଆବଶ୍ୟକ ଥିବାବେଳେ ରାଜ୍ୟର ଅଧିକାଂଶ ଚିନିକଳ ବନ୍ଦ ହୋଇଯାଇଥିବାରୁ ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବା ପାଇଁ ଅନ୍ୟ ରାଜ୍ୟରୁ ଚିନି ଆମଦାନି କରିବାକୁ ପଡୁଛି। ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟ ଓଡ଼ିଶାକୁ ଚିନି ନଯୋଗାଇଲେ ରାଜ୍ୟରେ ମିଠା ସାମଗ୍ରୀ ପ୍ରସ୍ତୁତ ତ ଦୂରର କଥା, ସାମାଜିକ ଉତ୍ସବରେ ଖିରୀ ବି ତିଆରି ହୋଇପାରିବ ନାହିଁ।

ଆଖୁ ଚାଷ ପାଇଁ ଓଡ଼ିଶାର ମୃତ୍ତିକା ଓ ଜଳବାୟୁ ବେଶ୍ ଅନୁକୂଳ। ପୂର୍ବରୁ ରାଜ୍ୟରେ ପ୍ରାୟ ସମସ୍ତ ଜିଲ୍ଲାରେ ଆଖୁଚାଷ ହେଉଥିଲା ଏବଂ ଅନେକ ଗାଁରେ ଆଖୁରୁ ଦୋରୁଅ ସଂଗ୍ରହ କରି ଗୁଡ଼ ରନ୍ଧା ଯାଉଥିଲା। ଓଡ଼ିଶା ଗୁଡ଼ର ଚାହିଦା ଅନ୍ୟ ରାଜ୍ୟରେ ଭଲ ଥିଲା। ଏବେ କିନ୍ତୁ ଗୁଡ଼ ପାଇଁ ବି ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକ ପଡୁଛି।

ରାଜ୍ୟରେ ସମବାୟ ଭିତ୍ତିରେ ଆସିକା ଚିନିକଳ ଚାଲୁଛି। ତେବେ ଏହି ସମବାୟ ଚିନିକଳ କୌଣସି ପ୍ରକାରେ ବଞ୍ଚିବା ପାଇଁ ସଂଘର୍ଷ କରୁଛି। ଢେଙ୍କାନାଳରେ ବେସରକାରୀ ଉଦ୍ୟମରେ ଏକ ଚିନିକଳ ଚାଲିଛି। ବରଗଡ଼ ସମବାୟ ଚିନିକଳ, ବଲାଙ୍ଗୀରର ବିଜୟାନନ୍ଦ ସମବାୟ ଚିନିକଳ, କଟକ ଜିଲ୍ଲାର ବଡମ୍ବାଠାରେ ଥିବା ସମବାୟ ଚିନିକଳ ଏବଂ ନୟାଗଡ଼ର ସମବାୟ ଚିନିକଳ ଏକ ପ୍ରକାର ଭୁଶୁଡ଼ି ପଡିଛି। ବରଗଡ଼ ଚିନିକଳ ୨୦୧୭ ମସିହାରୁ ବନ୍ଦ ଥିବାବେଳେ ବଲାଙ୍ଗୀରର ଚିନିକଳ ୨୦୧୪ରୁ, ନୟାଗଡ଼ର ଚିନିକଳ ୨୦୧୫ରୁ ଏବଂ ବଡମ୍ବା ଚିନିକଳ ୨୦୧୩ ମସିହାରୁ ବନ୍ଦ ରହିଛି।

ଆସିକା ସମବାୟ ଚିନିକଳରେ ବର୍ଷକୁ ୨୫ ହଜାରରୁ ୪୦ ହଜାର କ୍ୱିଣ୍ଟାଲ ପର୍ଯ୍ୟନ୍ତ ଚିନି ଉତ୍ପାଦନ ହେଉଥିବାବେଳେ ଏଠାରେ ପାଖାପାଖି ୫୦ ହଜାର ମେଟ୍ରିକ ଟନ୍ ଆଖୁର ପ୍ରକ୍ରିୟାକରଣ ହେଉଛି। ଏକଦା ନୟାଗଡ଼, ବଡମ୍ବା, ବଲାଙ୍ଗୀର ଓ ବରଗଡ଼ର ଚିନିକଳ ବେଶ୍ ଭଲ ଚାଲୁଥିଲା। ଏହାକୁ ଆଧାର କରି ହଜାର ହଜାର ହେକ୍ଟର ଜମିରେ ଆଖୁ ଚାଷ ହେଉଥିଲା ଏବଂ ଚାଷୀମାନେ ଚିନିକଳଗୁଡ଼ିକୁ ଆଖୁ ବିକି ବେଶ୍ ରୋଜଗାର କରୁଥିଲେ। ଏବେ ସଂଖ୍ୟାଧିକ ଚିନିକଳ ବନ୍ଦ ହୋଇଯାଇଥିବାରୁ ଆଖୁ ଚାଷ କମିଯାଇଛି। ଏ ପରିପ୍ରେକ୍ଷୀରେ ଓଡ଼ିଶାରେ ଗୁଡ଼ ଓ ଚିନି ଉତ୍ପାଦନ ବାଧାପ୍ରାପ୍ତ ହୋଇଛି।

ରାଜ୍ୟର ଚିନିକଳଗୁଡ଼ିକ ଓଡ଼ିଶାକୁ ସ୍ୱାବଲମ୍ବୀ କରିବା ସହିତ ଚାଷୀମାନଙ୍କ ରୋଜଗାର ବୃଦ୍ଧି ସଂଗେ ସଂଗେ ବ୍ୟାପକ କର୍ମ ନିଯୁକ୍ତିର ସୁଯୋଗ (ଶେଷ ପୃଷ୍ଠା ଦେଖନ୍ତୁ)



ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୯ ନଭେମ୍ବର ୨୦୨୫ । ବୁଧବାର


# ଚୋରା କାଠ ବେପାରୀଙ୍କ ମଧ୍ୟରେ ଗଣ୍ଡଗୋଳ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଓଡ଼ିଶାରେ ବିନାନୁମତିରେ ଗଛ କାଟିବା ନିଷିଦ୍ଧ ଥିବାବେଳେ ପଶ୍ଚିମବଙ୍ଗକୁ ଚୋରାରେ ବ୍ୟାପକ ମାତ୍ରାରେ କାଠ ଗଣ୍ଡି ଚାଲାଣ ହୋଇଥାଏ। ଜଳେଶ୍ୱର ବ୍ଲକ, ଜାତୀୟ ରାଜପଥରେ ଟୋଲ ପ୍ଲାଜା ଯୋଗୁଁ ଅପେକ୍ଷାକୃତ କମ କାଠ ଗାଡ଼ି ଚାଲାଣ ହେଉଥିବା ବେଳେ ୫୭ନଂ ରାଜ୍ୟ ରାଜପଥ ଏବଂ ଜଗନ୍ନାଥ ସଡ଼କ ଅଗ୍ରୱାଲା ଛକ ସଡକ, କାଠ ବେପାରୀଙ୍କ ନିରାପଦ ଚରା ଭୂଇଁ ପାଲଟିଛି। ବିଭିନ୍ନ ଅଞ୍ଚଳରୁ କଟା ହୋଇ ସଂଗ୍ରହ ହୋଇଥିବା ମୂଲ୍ୟବାନ କାଠ ଗଣ୍ଡିକୁ ସୁରକ୍ଷା ଦେଇ ପଶ୍ଚିମବଙ୍ଗକୁ ସନ୍ତର୍ପଣରେ ଚାଲାଣ ହୋଇ ଥାଏ। ଏହି କାର୍ଯ୍ୟକୁ ସଡ଼କ ସନ୍ନକଟ ଗ୍ରାମର ଯୁବକମାନେ ସଂଘବଦ୍ଧ ଭାବେ କରିଆସୁଛନ୍ତି। ନଛିମପୁର ପଞ୍ଚାୟତ, ଆମ୍ବଳିଅଠା ଗ୍ରାମର ଏବଂ ସୁଗୋ ପଞ୍ଚାୟତ, ଶିମୁଳିଆ ଗ୍ରାମର କେତେକ ଚୋରା କାଠ ବେପାରୀଙ୍କ ମଧ୍ୟରେ ଚୋରା କାଠ ଗାଡ଼ିର ଫୋଟୋ ଭାଇରାଲକୁ ନେଇ ବିବାଦ ଉପୁଜିଛି। ମଙ୍ଗଳବାର ଅପରାହ୍ନରେ ଆମ୍ବଳିଅଠା ପେଟ୍ରୋଲ ପମ୍ପ ନିକଟରେ ଏନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରବଳ ହଙ୍ଗାମା ହୋଇଥିଲା। ଭାଇରାଲ କରିଥିବା ସିମୁଳିଆ ଗାଁର ଯୁବକର ବାଇକ୍ ଅଟକାଇବାକୁ ନେଇ ବିବାଦର ସୂତ୍ରପାତ ହୋଇଥିଲା। ପରେ ଦୁଇ ଗୋଷ୍ଠୀର ଯୁବକମାନେ ରାଜ୍ୟ ରାଜପଥରେ ଦୀର୍ଘ ସମୟ ଧରି ହଙ୍ଗାମା କରି ପ୍ରତିଶୋଧ ପରାୟଣ ହୋଇ ପୁଲିସ ଧମକ୍ ଦେଉଥିଲେ। ଯୁକ୍ତି ତର୍କରୁ ୧୫ ଲକ୍ଷ ଟଙ୍କା ପ୍ରସଙ୍ଗ ମଧ୍ୟ ବାରମ୍ବାର କହୁଥିବା ଦେଖାଯାଇଥିଲା। ଫଳରେ ବହୁ ସମୟ ଧରି ସଡକରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସୂଚନା ଯୋଗ୍ୟ ଜଳେଶ୍ୱର ରେଞ୍ଜ ଅଫିସ୍ ମଝିରେ ମଝିରେ ଲୋକଦେଖାଣିଆ ଭୁଟ ଭୁଟି ଧରି ବାହା ବାହା ନେଉଛନ୍ତି। କିନ୍ତୁ ପ୍ରଶାସନ ନାକତଳେ ପ୍ରତ୍ୟହ ମୂଲ୍ୟବାନ ଖଣିଜ ସମ୍ପଦ ଓ ମୂଲ୍ୟବାନ କାଠ ପିକଅପ୍ ଓ ଟ୍ରାକ୍ଟର, ଟ୍ରକ ଯୋଗେ ପଶ୍ଚିମବଙ୍ଗକୁ ଅବାଧରେ ଚାଲାଣ ହେଉଛି। ରାଇବଣିଆ ଅଞ୍ଚଳର ବୃକ୍ଷ ସୁରକ୍ଷା କଥା ନକହିବା ଭଲ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ



**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ୫ଟି ଜିଲ୍ଲାର ୭୭୫ ତୀର୍ଥଯାତ୍ରୀ ଓ ୨୫ଜଣ ଏକ୍ସକର୍ଟ ଉଜ୍ଜୟନି-ଓଁକାରେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଦ୍ୱିତୀୟ ପର୍ଯ୍ୟାୟ ତୀର୍ଥଯାତ୍ରା ଉଦଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ତୀର୍ଥ ଟ୍ରେନର ଉଦଘାଟନ କରିଥିଲେ। ସମସ୍ତ ତୀର୍ଥଯାତ୍ରୀ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ କରିବେ। ୫ ରାତି ଓ ୬ ଦିନ ଯାତ୍ରାର ସୁଖମୟ ହେଉ ବୋଲି ମା'ତାରାତାରିଣୀଙ୍କ ନିକଟରେ ପାର୍ଥନା କରିଥିଲେ ଓ ତୀର୍ଥର ଆନନ୍ଦ ଉଠାଇ ଖୁସିରେ ଫେରନ୍ତୁ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ। ବ୍ରହ୍ମପୁର ରେଳ ଷ୍ଟେସନରୁ ଏହାର ଶୁଭାରମ୍ଭ କରାଯାଇଥିଲା। ଗଞ୍ଜାମ, ଗଜପତି, ବୌଦ୍ଧ, ନୟାଗଡ଼ ଓ କନ୍ଧମାଳର ତୀର୍ଥଯାତ୍ରୀ ଯାତ୍ରା କରିଛନ୍ତି। ଗଜପତି ଜିଲ୍ଲାରୁ ୭୨, ନୟାଗଡ଼ରୁ ୧୧୯, କନ୍ଧମାଳରୁ ୯୧, ବୌଦ୍ଧରୁ ୫୫ ଓ ଗଞ୍ଜାମରୁ ୪୩୮ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି। ବ୍ରହ୍ମପୁରରେ ରବିବାର ରାତ୍ରିରେ ରେଳ ଷ୍ଟେସନ ନିକଟସ୍ଥ ଗୁରୁକୁଳ ସ୍କୁଲରେ ସ୍ୱାଗତ କରି ସେମାନଙ୍କର ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟ ପେୟ, ଭୋଜନ ସନ୍ଧ୍ୟା ଇତ୍ୟାଦି ସମସ୍ତ ସୁବିଧାର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଥିଲା।

ଆଜିର ଏହି ଶୁଭ ଉଦଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣିଜ ବିଭାଗ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ବିଧାୟକ କବିସୂର୍ଯ୍ୟ ନଗର ପ୍ରତାପ ଚନ୍ଦ୍ର ନାୟକ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର, ଗଞ୍ଜାମ ଜିଲ୍ଲାପାଳ ୱି କୀର୍ତ୍ତି ୱାସନ୍, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ ସର୍ବଣ ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମଞ୍ଚାସୀନ ଥିଲେ। ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଆଇଆରସିଟିସିର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଛି।

# ଆଇବିସିଏସ୍ ପକ୍ଷରୁ 'ଫିନାନ୍ସ ଫ୍ୟୁଜନ୍ ୨.୦'

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ମହିଳାମାନଙ୍କ ନିମନ୍ତେ ଏକ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।




ୱିନିୟର୍ସ ଫୋରମ୍‌ର ସହଭାଗିତାରେ 'ଫିନାନ୍ସ ଫ୍ୟୁଜନ୍ ୨.୦ - ଏମ୍‌ପାୱାରିଂ ୱିମେନ୍ ଥ୍ରୁ ଫିନାନ୍ସ' ଶୀର୍ଷକ ଏହି କାର୍ଯ୍ୟକ୍ରମ ସୋଆ କ୍ୟାମ୍ପସ୍‌ରେ ଆୟୋଜିତ ହୋଇଥିଲା।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟସଭା ସାଂସଦ ସୁଲତା ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ଲୋପୋର୍ଟ ଫୋଟୋନିକ୍ସର ସହ ପ୍ରତିଷ୍ଠାତା ଓ ମୁଖ୍ୟ ଅର୍ଥନୈତିକ ଅଧିକାରୀ ବୁସ୍ରା ଖାନ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ୱିନିୟର୍ସ ଫୋରମ୍‌ର ସହ ପ୍ରତିଷ୍ଠାତା ଓ ନିର୍ଦ୍ଦେଶିକା ଜୟନ୍ତୀ ମହାପାତ୍ର ଏବଂ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

ଶ୍ରୀମତି ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ବକ୍ତାମାନେ ମହିଳା ଉଦ୍ୟୋଗୀକରଣ ନିମନ୍ତେ ଅର୍ଥନୈତିକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଆଇବିସିଏସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ରାମକୃଷ୍ଣ ମିଶ୍ର ଓ ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ପଲ୍ଲବୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓଡ଼ିଶାର ବିଭିନ୍ନ ଅଂଚଳରୁ ୪୦ରୁ ଅଧିକ ମହିଳା ଉଦ୍ୟୋଗୀ ଏଥିରେ ଯୋଗ ଦେଇଥିଲେ।

ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବଜେଟ, ଆର୍ଥିକ ଯୋଜନା, ଅର୍ଥ ପରିଚାଳନା ଏବଂ ଆର୍ଥିକ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା।

କାର୍ଯ୍ୟକ୍ରମକୁ ସଫଳ କରିବାରେ ଏନଟିପିସି, ଆଇଡିବିଆଇ ବ୍ୟାଙ୍କ, ହିନ୍ଦୁସ୍ତାନ ଜୁଏଲର୍ସ, ପାରାଦ୍ୱୀପ ପରିବହନ ଲିମିଟେଡ ଏବଂ ସ୍ୱାବଲମ୍ବୀ ଓଡ଼ିଶା ସହଯୋଗ କରିଥିଲେ।

# ଜଖପୁର ଜଙ୍କସନରେ ମାଲବାହୀ ଟ୍ରେନ ଲାଇନଚ୍ୟୁତ

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲାର ଜଖପୁର ରେଳ ଜଙ୍କସନରେ ସୋମବାର ରାତିରେ ଘଟିଥିବା ଏକ ଲାଇନଚ୍ୟୁତି ଘଟଣା ରେଳ ସୁରକ୍ଷା ନେଇ ପୁଣିଥରେ ପ୍ରଶ୍ନ ଉଠାଇଛି। ଏକ ମାଲବାହୀ ଟ୍ରେନର ଦୁଇଟି ବଗି ହଠାତ୍ ରେଳଧାରାରୁ ବାହାରକୁ ଚାଲିଯାଇବାରୁ ଟ୍ରାକ୍‌ରେ ଚଳାଚଳ ପୂରା ବନ୍ଦ ହୋଇଯାଇଥିଲା। ଘଟଣା ଘଟିଥିବା ସମୟ ରାତି ୧୦. ୪୫ ହୋଇଥିବା ଜଣାପଡ଼ିଛି। ୨ଟି ବୋଗି ପୂର୍ଣ୍ଣ ଭାବେ ଟ୍ରାକରୁ ବାହାର ଆରପିଏଫ–ରେଲୱେ ଟେକ୍ନିକାଲ୍ ଟୀମ ଅର୍ଦ୍ଧରାତିରେ ରେଳ ସୁରକ୍ଷା ଅଧିକାରୀମାନେ ତ୍ୱରିତ ଭାବେ ଘଟଣାସ୍ଥଳରେ ପହଞ୍ଚି ପରୀକ୍ଷା-ନୀରୀକ୍ଷଣ ଆରମ୍ଭ କରିଥିଲେ। ରେଳ ଚଳାଚଳ ପ୍ରାୟ ୩ ଘଣ୍ଟା ବନ୍ଦ ରହିଲା ଘଟଣା ପରେ ଆରପିଏଫ, ଇଞ୍ଜିନିୟରିଂ ଟିମ, ଏବଂ ବଗି ଲାଇନରୁ ବାହାର ଥିବାରୁ ଅଧିକ ସମୟ ଦେଇ ନହିଁ। ଲାଇନ ଚ୍ୟୁତ ବଗିର ଉଦ୍ଧାରକାର୍ଯ୍ୟ ପାଇଁ କ୍ରେନ ଓ ହେଭି ଏକ୍‌ଜ୍ୟୁମେଣ୍ଟ ବ୍ୟବହାର କରାଯାଇଥିଲା। ଅନ୍ୟ ପାସେଞ୍ଜର ଟ୍ରେନ ଉପରେ ପ୍ରଭାବ ପଡ଼ିନଥିଲେ ମଧ୍ୟ ଉକ୍ତ ଟ୍ରାକ୍‌ରେ ମାଲ ପରିବହନ ମୋବେମେଣ୍ଟ ଅଟକା ହୋଇପଡ଼ିଥିଲା। ପ୍ରାୟ ୩ ଘଣ୍ଟା ଦୀର୍ଘ ଚେଷ୍ଟା ପରେ ରାତି ୨.୩୦ ସମୟରେ ଟ୍ରାକ୍ ସଫା ହୋଇ ଚଳାଚଳ ପୁଣି ସ୍ୱାଭାବିକ ହୋଇଯାଇଥିଲା। ରେଳ ଅଧିକାରୀଙ୍କ କହିବା ଅନୁସାରେ 'ଫାଇନାଲ୍ ରିପୋର୍ଟ ଆସିବା ପୂର୍ବରୁ ଲାଇନଚ୍ୟୁତିର ନିଜସ୍ୱ କାରଣ କୁହିବା କଷ୍ଟକର। ଟ୍ରାକ୍ କଣ୍ଡିସନ୍, ବୋଗିର ହ୍ୱିଲ୍ ମିସ୍‌ଅଲାଇନ୍‌ମେଣ୍ଟ, ବ୍ରେକିଂ ସିଷ୍ଟମ ସବୁ ତଦନ୍ତରେ ଆସିବ।' ଏଇ ଘଟଣାକୁ ନେଇ ସ୍ଥାନୀୟମାନଙ୍କ ମଧ୍ୟରେ ମଧ୍ୟ ଚିନ୍ତା ବ୍ୟକ୍ତ ହୋଇଛି। ଜଖପୁର ନିକଟ ଥିବା ଏକ ନିବାସୀ କହିଛନ୍ତି, 'ଭଲ ହେଲା ଯେ ମାଲବାହୀ ଟ୍ରେନ ଥିଲା। ଯଦି ଯାତ୍ରୀ ଟ୍ରେନ ହୋଇଥାଆନ୍ତା, ଟ୍ରାକ୍‌ରେ ତତ୍‌କ୍ଷଣେ କୁହିପାରିବା ଯୋଗ୍ୟ ଦୁର୍ଘଟଣା ହେଇଯାଇପାରୁଥାଆନ୍ତା।' ରେଳ ବିଶେଷଜ୍ଞମାନେ ଏହାକୁ 'ସେଫଟି ୱାର୍ଣ୍ଣିଙ୍ଗ ସିଗ୍ନାଲ' ବୋଲି ବୁଝାଇଛନ୍ତି ଏବଂ ଅଞ୍ଚଳରେ ତୁରନ୍ତ ଟ୍ରାକ୍ ସେଫଟି ଆଡିଟ୍ ପାଇଁ ଜୋର ଦେଇଛନ୍ତି। ଘଟଣା ପରେ ରେଳ ପକ୍ଷରୁ ଉଦ୍ଧାର, ମେଣ୍ଟେନାନ୍ସ ଏବଂ ସିକ୍ୟୁରିଟି ରିଭିଉ ଜାରି ରହିଛି। ସ୍ୱଳ୍ପ ସମୟ ମଧ୍ୟରେ ଯଦି ଯାତ୍ରୀବାହି ଟ୍ରେନ ଅସିଥାନ୍ତା, ତେବେ ଗୋଟେ ବଡ଼ ଦୁର୍ଘଟଣା ହେଇଥାଆନ୍ତା। ସୋମବାର, ରାତି ୧୦.୩୦ ସମୟରେ ଜଖପୁର ଜଙ୍କସନରେ ଲାଇନଚ୍ୟୁତ ହୋଇ ଦୁଇ ବଗି ଲାଇନଚ୍ୟୁତ ହେବାରୁ ଚଳାଚଳ ପ୍ରାୟ ୩ ଘଣ୍ଟା ବନ୍ଦ ହୋଯାଇଥିଲା। ରାତି ୨. ୩୦ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂତ୍ରରୁ ଜଣା ପଡିଛି ଟ୍ରାକ୍ ଡ୍ୟାମେଜ, ମେକାନିକାଲ୍ ଫଲ୍ଟ ଏବଂ ସିଗ୍ନାଲ ଇସ୍ୟୁ ହୋଇପାରେ ବୋଲି ଜଣାପଡିବା ପରେ ଏହାର ସତ୍ୟ ସତ୍ୟ ପାଇଁ ଏଧିକ ତଦନ୍ତ ପରେ ଏହା ସ୍ପଷ୍ଟ ହେଇଯିବ।

# ଗୋରୁ ଖାଦ୍ୟ ଦିଆଯାଉଥିବା ବିଡିଓଙ୍କ ନିକଟରେ ଅଭିଯୋଗ

**କଣାସ: ଏକ୍ସପ୍ରେସ ନ୍ୟୁଜ୍**

ଅଙ୍ଗନବାଡି କେନ୍ଦ୍ରରେ ପାଠ ପଢୁଥିବା କୋମଳମତି ଶିଶୁ ଓ ଗର୍ଭବତୀ ମହିଳାମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମାଗଣାରେ ସୁଷମ ଖାଦ୍ୟ ଯୋଗାଉଛନ୍ତି କିନ୍ତୁ ପୁରୀ ଜିଲ୍ଲା କଣାସ ବ୍ଲକରେ ଶିଶୁମାନଙ୍କୁ ସୁଷମ ଖାଦ୍ୟ ଦେବା ବଦଳରେ ନିମ୍ନମାନର ପୋକ ସାଲୁବାଲୁ ଛତୁଆ ଓ ସୁଜି ଦିଆଯାଉଥିବା ମହିଳା ମୋର୍ଚ୍ଚାର ସଭ୍ୟମାନେ ମଙ୍ଗଳବାର କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। ଖବର ନେବାରେ ଜଣାପଡିଛି କଣାସ ବ୍ଲକର ୨୮ ଗ୍ରାମପଞ୍ଚାୟତରେ ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ ପଡା ଗ୍ରାମ ଥିବାବେଳେ ସେଥି ମଧ୍ୟରେ ୨୮୫ଟି ଅଙ୍ଗନବାଡି କେନ୍ଦ୍ର ଖୋଲାଯାଇଛି। ପୂର୍ବରୁ ତିନୋଟି ସ୍ୱୟଂ ସହାୟକ ଗୋଷ୍ଠୀ ୨୮୫ଟି ଅଙ୍ଗନବାଡି କେନ୍ଦ୍ରକୁ ଶୁଖିଲା ଖାଦ୍ୟ ଓ ଛତୁଆ ଯୋଗାଇ ଆସୁଥିଲେ। ମା'ଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ରଜନୈତିକ ଚାପ ପକାଇ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଛତୁଆ ପ୍ରଦାନରୁ କାଟି ଦେଇଥିଲେ। ସେହିଦିନ ଠାରୁ ମା'ଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ୨୮୫ଟି ଅଙ୍ଗନବାଡି କେନ୍ଦ୍ରକୁ ଓ ଗର୍ଭବତୀ ମହିଳାମାନଙ୍କୁ ଛତୁଆ ଓ ଶୁଖିଲା ଖାଦ୍ୟ ଯୋଗାଇ ଦେଇଆସୁଛନ୍ତି। ମାସକୁ ୨୦ରୁ ୨୫ ଲକ୍ଷ ଟଙ୍କା ବିଲ ହେଉଥିବା ଜଣାପଡିଛି। ନିୟମ ଅଛି ଛତୁଆ ପ୍ରସ୍ତୁତ କରୁଥିବା ସଂସ୍ଥା ନିକଟରେ ଛତୁଆ ତିଆରିଦିନ ଶିଶୁ ବିକାଶ ଅଧିକାରୀଣୀ କିମ୍ବା ତାଙ୍କ ସୁପର ଭାଇଜର ରହି ଛତୁଆ ତିଆରିରେ ବ୍ୟବହାର ହେଉଥିବା ସମସ୍ତ ଖାଦ୍ୟ ଉପକରଣ ନିୟମ ଅନୁଯାୟୀ ମିଶ୍ରିତ କରାଯାଇ ଛତୁଆ ତିଆରି କରି ଛତୁଆ ପ୍ୟାକେଟରେ ଭର୍ତ୍ତି କରାଯାଇ ପ୍ୟାକେଟ ଉପରେ ଓଡିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଲେଖାଯିବା ସହ ଛତୁଆ ତିଆରି କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀନାମ ଲେଖାଯାଉଛି କିନ୍ତୁ ଛତୁଆ ତିଆରି ଦିନ ଶିଶୁ ବିକାଶ ଅଧିକାରିଣୀ କିମ୍ବା ସୁପର ଭାଇଜର ଉପସ୍ଥିତ ରହୁନଥିବାରୁ ଛତୁଆ ତିଆରି କରୁଥିବା ସଂସ୍ଥା ମନଇଛା ନିମ୍ନମାନର ଖାଦ୍ୟ ସାମଗ୍ରୀ ମିଶାଇ ଛତୁଆ ତିଆରି କରି ଅଙ୍ଗନବାଡି କେନ୍ଦ୍ରକୁ ଯୋଗାଇ ଦେଇଆସୁଛନ୍ତି। ଅସାଧୁ ମେଣ୍ଟ କରି ନିମ୍ନମାନର ଖାଦ୍ୟ ଯୋଗାଉଥିବା ଆଜି ମହିଳା ମୋର୍ଚ୍ଚାର କେତେକ ମହିଳା କଣାସ ବିଡିଓଙ୍କ ନିକଟରେ ଲିଖିତ ଆକାରେ ଅଭିଯୋଗ କରିବା ପରେ ବିଡିଓ ତୁରନ୍ତ ତଦନ୍ତ କରି ବିହିତ କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ କରିବେ ବୋଲି ଅଭିଯୋଗକାରୀମାନଙ୍କୁ ବୁଝାଇ ଛାଡିଥିଲେ।

## ବାଣିଜ୍ୟ

# ନିବେଶ ପୋର୍ଟଫୋଲିଓରେ ଜରୁରୀ ଇନକମ୍ ପ୍ଲସ୍ ଆର୍ବିଟ୍ରେଜ୍ ଫଣ୍ଡ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ସାଂପ୍ରତିକ ଅର୍ଥନୈତିକ ସ୍ଥିତିରେ ନିବେଶକମାନେ ଏଭଳି ସମାଧାନ ଖୋଜୁଛନ୍ତି ଯେଉଁଥିରେ ଉଭୟ ସ୍ଥିରତା ଏବଂ ପାରଦର୍ଶିତା ଥିବ। ପାରମ୍ପରିକ ନିବେଶଗୁଡିକ ସୁରକ୍ଷା ଏବଂ ଅଭିବୃଦ୍ଧି ମଧ୍ୟରେ ସନ୍ତୁଳନ ରଖୁଥିବାବେଳେ ଇନକମ୍ ପ୍ଲସ୍ ଆର୍ବିଟ୍ରେଜ୍ ଫଣ୍ଡ ଅଫ୍ ଫଣ୍ଡସ (ଏଫ୍‌ଓଏଫ୍‌ଏସ୍) ମ୍ୟୁଚୁଆଲ ଫଣ୍ଡ ନିବେଶକମାନଙ୍କ ପାଇଁ ଏକ ହାଇବ୍ରିଡ୍ ଆଭିମୁଖ୍ୟ ଥିବା ସୁଯୋଗ ପ୍ରଦାନ କରେ। ଏଥିରେ ଡେବ୍‌ଟ ଓ ଆର୍ବିଟ୍ରେଜ୍ ଷ୍ଟ୍ରାଟେଜି ଦକ୍ଷତାର ମିଶ୍ରଣ ମିଳେ। ନଗଦ ଅର୍ଥ, ଟିକସ ଏବଂ ପୁଞ୍ଜି ସଂରକ୍ଷଣ ଜନିତ ଲାଭ ସହିତ ମଧ୍ୟମ ଅବଧି ପାଇଁ ଲକ୍ଷ୍ୟ ରଖି ନିବେଶ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ଏକ ଭଲ ପସନ୍ଦ ବୋଲି ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ମୁଖ୍ୟ (ଫିକ୍ସଡ ଇନକମ୍) ଦେବାଙ୍ଗ ଶାହ ମତ ଦେଇଛନ୍ତି।




ତାଙ୍କ ମତରେ ଇନକମ୍ ପ୍ଲସ ଆର୍ବିଟ୍ରେଜ ଫଣ୍ଡ ଅଫ୍ ଫଣ୍ଡସ ହେଉଛି ଏଭଳି ଏକ ଫଣ୍ଡ ଯାହାର ୬୫% ପର୍ଯ୍ୟନ୍ତ ଅର୍ଥ ମୁଖ୍ୟତଃ ଡେବ୍‌ଟ ଫାଣ୍ଡିରେ ନିବେଶ ହୋଇଥାଏ ଏବଂ ଅବଶିଷ୍ଟ ପାଣ୍ଠି ଆର୍ବିଟ୍ରେଜ ଫଣ୍ଡରେ ନିବେଶ ହୋଇଥାଏ। ୨ରୁ ୫ ବର୍ଷ ପାଇଁ ନିବେଶ କରୁଥିବା ନିବେଶକଙ୍କ ପାଇଁ ଏହା ଭଲ ବୋଲି ବିବେଚ୍ନା କରାଯାଇଥାଏ। ଇକ୍ୱିଟିରେ ବଡଧରଣର ରିସ୍କ ନନେଇ ଯେଉଁମାନେ ସେମାନଙ୍କ ଫିକ୍ସଡ ଇନକମ୍ ନିବେଶକୁ ବ୍ୟାପକ କରିବାକୁ ଚାହାନ୍ତି ଏହା ସେମାନଙ୍କ ପାଇଁ ଏକ ଭଲ ନିବେଶ ବିକଳ୍ପ। ଖୁଚୁରା ନିବେଶକମାନେ ବର୍ତ୍ତମାନର ଅସ୍ଥିର ସୁଧ ହାର, ବୈଶ୍ୱିକ ଅନିଶ୍ଚିତତାକୁ ଦୃଷ୍ଟିରୁ ନିବେଶ ରଣନୀତିକୁ ଅଧିକ ଧ୍ୟାନର ସହ କରିବାର ଆବଶ୍ୟକତା ରହିଛି । ନିବେଶକଙ୍କୁ ଏଥିରେ ଅନେକ ପ୍ରକାରର ସୁବିଧା ମିଳିଥାଏ। ବର୍ତ୍ତମାନର ଜଟିଳ ଏବଂ ପୂର୍ବାନୁମାନ କରାଯାଇ ପାରୁ ନଥିବା ଆର୍ଥିକ ବଜାର ସ୍ଥିତିରେ ଇନକମ୍ ପ୍ଲସ୍ ଆର୍ବିଟ୍ରେଜ୍ ଫଣ୍ଡ ଅଫ୍ ଫଣ୍ଡସ ଏକ ବୁଦ୍ଧିମାନ ନିବେଶ ସୁବିଧା ପ୍ରଦାନ କରିଥାଏ। ଡେବ୍‌ଟର ସ୍ଥିରତା ଏବଂ ଆର୍ବିଟ୍ରେଜ୍‌ର ପାରଦର୍ଶିତାର ମିଶ୍ରଣ ଏଥିରେ ଦେଖିବାକୁ ମିଳିଥାଏ। ଅଧିକ ବିପଦ କିମ୍ବା ଜଟିଳତା ନଆଣି ସଂପତ୍ତି ସୃଷ୍ଟିର ଏକ ସନ୍ତୁଳିତ ରାସ୍ତା ଏହା ପ୍ରଦାନ କରେ। ଯେଉଁ ନିବେଶକମାନେ ସେମାନଙ୍କ ଫିକ୍ସଡ ଇନକମ୍‌କୁ ବ୍ୟାପକ କରିବାକୁ ଚାହାନ୍ତି, ମଧ୍ୟମ ଅବଧି ପାଇଁ ଲକ୍ଷ୍ୟ ରଖି ନିବେଶ କରନ୍ତି ଏବଂ ନିବେଶକୁ ଅଧିକ ସୁରକ୍ଷିତ ରଖିବାକୁ ଚାହାନ୍ତି ସେମାନେ ଏହାକୁ ଗମ୍ଭୀରତାର ସହ ବିକଳ୍ପ ଭାବେ ବିଚାର କରିପାରିବେ ବୋଲି ଶ୍ରୀ ଶାହ କହିଛନ୍ତି।

# ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୀବନୀ ପ୍ରେରଣାର ଉତ୍ସ ହୋଇ ରହିବ: ରାଜ୍ୟପାଳ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଓଡିଶାର ଅନ୍ୟତମ ପ୍ରସିଦ୍ଧ ଜନନେତା ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୀବନୀ, ସେବା ଓ ମୂଲ୍ୟବୋଧ ଅନ୍ୟମାନଙ୍କ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ସୋମବାର ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୨ତମ ଜନ୍ମ ବାର୍ଷିକୀରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିବା ସହିତ ସ୍ୱର୍ଗତ ବକ୍ସିପାତ୍ରଙ୍କ ଜୀବନୀ, ମୂଲ୍ୟବୋଧ, ସାହସ, ନମ୍ରତା ଏବଂ ଜନସେବାରେ ଅଟଳ ସମର୍ପଣରୁ ପ୍ରେରଣା ନେବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଥିଲେ।




ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ସାହସର ସହିତ ସତ୍ୟ କହିବା, ଆଶା ନକରି ସେବା କରିବା ଏବଂ ସବୁଠାରୁ ଅଧିକ ଆବଶ୍ୟକ କରୁଥିବା ଲୋକଙ୍କ ପାଇଁ କାମ କରିବା ହେବ ସ୍ୱର୍ଗତ ବକ୍ସିପାତ୍ରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ବକ୍ସିପାତ୍ରଙ୍କୁ ଓଡିଶାର ଜଣେ ସାହସୀ, ଉତ୍ସାହୀ, ନୀତିବାଦୀ ଏବଂ ଲୋକକେନ୍ଦ୍ରିକ ନେତା ଭାବରେ ବର୍ଣ୍ଣନା କରି ତାଙ୍କର ଜୀବନ ଗଣତନ୍ତ୍ରକୁ ସୁଦୃଢ କରିବା, ଅଧିକାର ରକ୍ଷା କରିବା ଏବଂ ଦୁର୍ବଳ ଲୋକଙ୍କର ଉତ୍ଥାନ କରାଇବା ପାଇଁ ଉତ୍ସର୍ଗୀକୃତ ଥିଲା ବୋଲି ରାଜ୍ୟପାଳ କହିଥିଲେ।

ବକ୍ସିପାତ୍ରଙ୍କ ରାଜନୈତିକ ଯାତ୍ରା ଉପରେ ଆଲୋକପାତ କରି ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ ତାଙ୍କ ନେତୃତ୍ୱ ପଦ ପଦବୀ ଦ୍ୱାରା ନୁହେଁ ବରଂ ମୂଲ୍ୟବୋଧ ଏବଂ କାର୍ଯ୍ୟ ଦ୍ୱାରା ପରିଭାଷିତ ହୋଇଥିଲା। ସରକାରରେ, ବିରୋଧୀ ଦଳରେ କିମ୍ବା ଲୋକଙ୍କ ମଧ୍ୟରେ ବକ୍ସିପାତ୍ର ନିରନ୍ତର ଭାବରେ ରହୁଥିଲେ। ଚାଷୀ, ଶ୍ରମିକ ଏବଂ ଅବହେଳିତ ସମ୍ପ୍ରଦାୟ ଯାହାଙ୍କ ସ୍ୱର ପ୍ରାୟତଃ ଶୁଣାଯାଏ ନାହିଁ ତାଙ୍କ ପାଖରେ ଛିଡା ହେଉଥିଲେ।

ବକ୍ସିପାତ୍ରଙ୍କ କାର୍ଯ୍ୟକଳାପ ଯଥା – ଭାଷାଗତ ଗର୍ବ, ସାମାଜିକ ନ୍ୟାୟ ଏବଂ ଆଞ୍ଚଳିକ ପରିଚୟ ପାଇଁ ଆନ୍ଦୋଳନରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ ଯାହା ରାଜନୈତିକ ଚେତନାର ଏକ ନୂତନ ଯୁଗକୁ ପ୍ରଜ୍ୱଳିତ କରିବାରେ ସାହାଯ୍ୟ କରିଥିଲା ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳ ଆହୁରି ମଧ୍ୟ କହିଥିଲେ ଯେ ସ୍ୱର୍ଗତ ବକ୍ସିପାତ୍ର ଦୃଢ ଭାବରେ ବିଶ୍ୱାସ କରୁଥିଲେ ଯେ ନୈତିକ ସଙ୍କଟ ସମୟରେ ନୀରବତା କେବେ ଗ୍ରହଣୀୟ ନୁହେଁ।


ଜରୁରୀକାଳୀନ ସମୟକୁ ମନେ ପକାଇ ରାଜ୍ୟପାଳ କହିଥିଲେ ଯେ, ବକ୍ସିପାତ୍ର ଗଣତାନ୍ତ୍ରିକ ନୀତି ସହିତ ସାଲିସ କରିବା ଅପେକ୍ଷା ଜେଲଦଣ୍ଡକୁ ବାଛିଥିଲେ। ରାଜ୍ୟପାଳ ନିଜର ଅଙ୍ଗେନିଭା କଥା ସ୍ମରଣ କରାଇ କହିଥିଲେ ଯେ ଜେପି ଆନ୍ଦୋଳନର ପରବର୍ତ୍ତୀ ସମୟରେ ସେ ନିଜେ ଛଅ ମାସ ପାଇଁ ଜେଲଦଣ୍ଡ ଭୋଗିଥିଲେ। ଆହ୍ୱାନପୂର୍ଣ୍ଣ ସମୟରେ ଗଣତାନ୍ତ୍ରିକ ଅଧିକାର ସୁରକ୍ଷାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମ୍ବାଦିକତାରେ ବକ୍ସିପାତ୍ରଙ୍କ ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଗଣତାନ୍ତ୍ରିକ ବିତର୍କ ଏବଂ ସଚେତନଶୀଳ ନାଗରିକତାକୁ ପ୍ରୋତ୍ସାହିତ କରୁଥିବା ଓଡିଆ ପାକ୍ଷିକ ଲୋକାନୀତିର ପ୍ରତିଷ୍ଠାତା-ସମ୍ପାଦକ ଭାବରେ ତାଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ସେ ଓଡିଶାର ଭାଷାଗତ ଏବଂ ସାଂସ୍କୃତିକ ପରିଚୟ ପ୍ରତି ବକ୍ସିପାତ୍ରଙ୍କ ଉତ୍ସର୍ଗକୁ ପ୍ରଶଂସା କରି କହିଥିଲେ ଯେ ବିକାଶ ସର୍ବଦା ଐତିହ୍ୟ ସଂରକ୍ଷଣ ସହିତ ଆଗକୁ ବଢିବା ଉଚିତ। ନିଜ ଉଦବୋଧନ ଶେଷ କରି ରାଜ୍ୟପାଳ କହିଥିଲେ ଯେ ବକ୍ସିପାତ୍ରଙ୍କ ଜୀବନର ଆତ୍ମାକୁ ଗୋଟିଏ ବାର୍ତ୍ତାରେ ସଂକ୍ଷେପ କରାଯାଇପାରେ: 'ପଦ ପଦବୀ ଆସିପାରେ ଏବଂ ଯାଇପାରେ, କିନ୍ତୁ ଲୋକଙ୍କ ପ୍ରତି ପ୍ରତିବଦ୍ଧତା ସ୍ଥିର ରହିବା ଉଚିତ।'

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଏବଂ ସ୍ମୃତି କମିଟିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ସୁପ୍ରିମକୋର୍ଟର ଖ୍ୟାତନାମା ଆଇନଜ୍ଞ ଦୁଷ୍ୟନ୍ତ ଡାଭେ ଏବଂ ପ୍ରସିଦ୍ଧ ଲେଖକ ଦାଶ ବେନହୁର ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ। ସ୍ମୃତି କମିଟିର ସାଧାରଣ ସମ୍ପାଦକ ଲୋପାମୁଦ୍ରା ବକ୍ସିପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଏହି ଅବସରରେ, ଲୋକନୀତିର ଏକ ସ୍ୱତନ୍ତ୍ର ସଂସ୍କରଣ ଏବଂ ସ୍ୱର୍ଗତଃ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଉପରେ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମାରକୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

# ହନୁମାନଙ୍କୁ ଅପମାନିତ କରି ବିବାଦରେ ରାଜାମୌଳି





## ସିନେମାଫିନେମା ଟିଭିଫିବି

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଭାରତୀୟ ସିନେମାକୁ ବିଶ୍ୱସ୍ତରରେ ପହଞ୍ଚାଇଥିବା ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଳି ଏବେ ତାଙ୍କର ଅନ୍ୟ ଏକ ଫିଲ୍ମକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଆରଆରଆର ଏବଂ ବାହୁବଳୀ ଭଳି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ଏସ୍‌ଏସ୍ ରାଜାମୌଳି ଏବେ ଏସିଆର ସବୁଠାରୁ ମହଙ୍ଗା ଫିଲ୍ମ ନିର୍ମାଣ କରୁଥିବା ଜଣାଯାଇଛି। ସାଉଥ୍ ସୁପରଷ୍ଟାର ମହେଶ ବାବୁ ଏବଂ ବଲିଉଡ-ହଲିଉଡ ଷ୍ଟାର ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୀତ ଏହି ଆକ୍ସନ-ଆଡଭେଞ୍ଚର ସିନେମାଟିର ନାମ 'ବାରାଣସୀ' ରଖାଯାଇଛି। ପ୍ରଶଂସକମାନଙ୍କ ପାଇଁ ହାଇଦ୍ରାବାଦର ରାମୋଜୀ ଫିଲ୍ମ ସିଟିରେ ଏକ ବିଶାଳ କାର୍ଯ୍ୟକ୍ରମ କରାଯାଇ ଫିଲ୍ମର ଟିଜର ରିଲିଜ୍ କରାଯାଇଥିଲା। ଟିଜରରେ କଳାକାରଙ୍କ ପ୍ରଥମ ଲୁକ୍ ଦେଖିବାକୁ ମିଳିଥିଲା। ଟିଜର ରିଲିଜ୍ ପରେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢିଥିଲେ ବି ରାଜାମୌଳି ଦେଇଥିବା ବୟାନକୁ ନେଇ ଏବେ ବିବାଦ ଆରମ୍ଭ ହୋଇଛି।

ଈଶ୍ୱରଙ୍କ ଉପରେ ଭରସା ନଥିବା କହିବା ସହ ପ୍ରଭୁ ହନୁମାନଙ୍କୁ ନେଇ କହିଥିବା କଥା ପାଇଁ ଲୋକେ ତାଙ୍କୁ ଟ୍ରୋଲ କରୁଛନ୍ତି। ସୂଚନା ମୁତାବକ, ଇଭେଣ୍ଟରେ କିଛି ଯାନ୍ତ୍ରିକ ତ୍ରୁଟି ପାଇଁ ଫିଲ୍ମର ଟିଜର ଚାଲିବାରେ ଅସୁବିଧା ହୋଇଥିଲା। ଏହାକୁ ଠିକ୍ କରିବା ପାଇଁ ସମୟ ଲାଗିବାରୁ ବିରକ୍ତ ହୋଇଯାଇଥିଲେ ରାଜାମୌଳି।

ଭାବପ୍ରବଣ ହୋଇ ରାଜାମୌଳି ଉପସ୍ଥିତ ୫୦,୦୦୦ ଦର୍ଶକଙ୍କୁ କ୍ଷମା ମାଗିଥିଲେ ଏବଂ କହିଥିଲେ ଯେ, ପ୍ରଭୁ ହନୁମାନ ମୋତେ ନିରାଶ କରିଛନ୍ତି। ମୁଁ କୌଣସି ଦେବାଦେବୀଙ୍କ ଉପରେ ବିଶ୍ୱାସ କରେ ନାହିଁ। ଏହା ମୋ ପାଇଁ ଏକ ଭାବପ୍ରବଣ ମୁହୂର୍ତ୍ତ। ମୁଁ ଈଶ୍ୱରଙ୍କ ଉପରେ ବିଶ୍ୱାସ କରେ ନାହିଁ। ଯାନ୍ତ୍ରିକ ତ୍ରୁଟି ଆସିବା ପରେ ମୋ ବାପା ଆସି କହିଲେ ଯେ, ପ୍ରଭୁ ହନୁମାନ ସବୁକିଛି ଠିକ୍ କରିବେ। ହେଲେ ଅନେକ ସମୟ ଧରି ତ୍ରୁଟି ଠିକ୍ ନହେବାରୁ ମୁଁ ବାପାଙ୍କୁ ପାଟି କରି କହିଲି ଯେ, 'ସେ କ'ଣ ମୋତେ ଏପରି ଆଗକୁ ନେବେ ?' ମୋ ସ୍ତ୍ରୀ ହନୁମାନଙ୍କର ଜଣେ ବଡ଼ ଭକ୍ତ। ସେ ଭଗବାନଙ୍କ ସହ ବନ୍ଧୁ ପରି ବ୍ୟବହାର କରନ୍ତି ଏବଂ ତାଙ୍କ ସହିତ କଥା ହୁଅନ୍ତି। ଏହି ଘଟଣା ପରେ ମୁଁ ତାଙ୍କ ଉପରେ ମଧ୍ୟ ମୋର କ୍ରୋଧ ପ୍ରକାଶ କରି କହିଲି, 'ସେ କ'ଣ ଏହିପରି ନିଜ କାମ କରନ୍ତି ?'

ହିନ୍ଦୁ ଧର୍ମର ସମୃଦ୍ଧ ପୌରାଣିକ ପୃଷ୍ଠଭୂମିକୁ ନେଇ ଫିଲ୍ମ ନିର୍ମାଣ କରିବା ସତ୍ତ୍ୱେ, ଏସଏସ ରାଜାମୌଳି ସର୍ବଦା ନିଜକୁ ନାସ୍ତିକ ବୋଲି କହିଆସିଛନ୍ତି। ଏବେ, ସେ ପ୍ରଭୁ ହନୁମାନଙ୍କୁ ନେଇ ଏଭଳି ବୟାନ ଦେବା ରାଷ୍ଟ୍ରୀୟ ବାନର ସେନାକୁ ପସନ୍ଦ ଆସିନାହିଁ। ତେଣୁ ରାଷ୍ଟ୍ରୀୟ ବାନର ସେନା ସଦସ୍ୟମାନେ ତାଙ୍କର ମନ୍ତବ୍ୟ ପାଇଁ ନିର୍ଦ୍ଦେଶକଙ୍କ ବିରୋଧରେ ପୁଲିସରେ ଅଭିଯୋଗ ଦାଖଲ କରିଛନ୍ତି। ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ପରେ ଅନେକ ଲୋକ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି।

# ପୃଥକ ଘଟଣାରେ ପୁଅକୁ ଆକ୍ରମଣ, ବାପାଙ୍କ ମୃତ୍ୟୁ

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ସୁକିନ୍ଦା ଥାନା ଅଧୀନସ୍ଥ ବର୍ତ୍ତଣ୍ଡା ପଞ୍ଚାୟତରେ ଗତ ୨୪ ଘଣ୍ଟାରେ ଦୁଇଟି ଅଲଗା ଘଟଣା ଘଟିଛି। ଜଣେ ଯୁବକଙ୍କୁ ଆକ୍ରମଣ ଓ ତାଙ୍କ ବାପାଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ପୂର୍ବଦିନ ଅଜୟ ମଳିକ ଉପରେ ଆକ୍ରମଣ ବର୍ତ୍ତଣ୍ଡା ହରିଜନ ସାହିର ଗଣେଶ୍ୱର ମଳିକଙ୍କ ପୁଅ ଅଜୟ ମଳିକ ଉପରେ ସୋମବାର ସନ୍ଧ୍ୟାରେ କିଛି ଅଚିହ୍ନା ଲୋକେ ଆକ୍ରମଣ କରିଥିବା ଅଭିଯୋଗ ଆସିଛି। ଘଟଣାରୁ ଜଣାପଡିଛି ଅଜୟ ସୋମବାର ସୁକିନ୍ଦା କୋର୍ଟରେ ଏକ ପୂର୍ବତନ ମାମଲାରେ ଜାମିନରେ ହଜିର ହୋଇ ଘରକୁ ଫେରୁଥିଲେ। ଗ୍ରାମ ନିକଟରେ କିଛି ଲୋକ ତାଙ୍କ ସହ ବାଦବିବାଦ କରି ମରଣାତ୍ମକ ଆକ୍ରମଣ କରିଥିବା ସୁକିନ୍ଦା ପୋଲିସ ପାଖରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଅଜୟ ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଭର୍ତ୍ତି ପରେ ଡାକ୍ତରମାନେ ପାର୍ଥମିକ ଚିକିତ୍ସା ପରେ ଅତ୍ୟଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତର ଖାନାକୁ ସ୍ଥାନତର କରିଦେଥିଲେ। ବାପା ଗଣେଶ୍ୱର ମଳିକଙ୍କ ଝୁଲନ୍ତା ଦେହ ଉଦ୍ଧାରଅଜୟଙ୍କ ଚିକିତ୍ସା ନିମନ୍ତେ ମା' କଟକକୁ ଯାଇଥିବା ବେଳେ ଘରେ ଏକା ଥିବା ଗଣେଶ୍ୱର ମଳିକ (୬୫)ଙ୍କ ମୃତଦେହ ମଙ୍ଗଳବାର ସକାଳେ ଘର ଛାତରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ସ୍ଥାନୀୟ ଲୋକ ଦେଖି ସୁକିନ୍ଦା ପୋଲିସକୁ ସୂଚନା ଦେଇଥିଲେ। ସୁକିନ୍ଦା ପୋଲିସ ଘଟଣା ସ୍ଥଳ ପହଞ୍ଚି ମୃତଦେହକୁ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପୋଷ୍ଟମର୍ଟମ ପାଇଁ ପଠାଇଛି। ପୋଲିସ ଏକ ଅପମୃତ୍ୟୁ ମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ନେଇଛି। ଦୁଇଟି ଘଟଣାର ସମ୍ପର୍କ ସହ ଅନ୍ୟାନ୍ୟ ପରିପାର୍ଶ୍ୱିକ ପରିସ୍ଥିତି ଉପରେ ତଦନ୍ତ ଜାରିରଖିଛି। ନ୍ୟୁଜ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି ଗିରଫ ସୂଚନା ମିଳିନାହିଁ। ପୂର୍ବତନ ମନ୍ତ୍ରୀଙ୍କସ୍ଥଳ ପରିଦର୍ଶନ ଘଟଣାସ୍ଥଳରେ ପହଞ୍ଚି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ପରିବାରକୁ ଆଶ୍ୱାସନ ଦେଇଥିଲେ ଏବଂ ପୋଲିସଙ୍କୁ ଦ୍ରୁତ ତଦନ୍ତ ଓ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ଦାବି କରିଛନ୍ତି। ସୁକିନ୍ଦା ପୋଲିସ କହିଛି, 'ଦୁଇଟି ଘଟଣାକୁ ଆମେ ସ୍ୱତନ୍ତ୍ର ଭାବେ ତଦନ୍ତ କରୁଛୁ। ଅଜୟ ଉପରେ ଆକ୍ରମଣ ମାମଲାରେ ଜଡିତ ଲୋକମାନଙ୍କୁ ଚିହ୍ନଟ କରାଯାଉଛି। ଗଣେଶ ମଳିକଙ୍କ ମୃତ୍ୟୁ ସଂପୂର୍ଣ୍ଣ ରିପୋର୍ଟ ପୋଷ୍ଟମର୍ଟମ ପରେ ସ୍ପଷ୍ଟ ହେବ।' ଦୁଇଟି ଘଟଣା ପରେ ଗ୍ରାମରେ ତିବ୍ର ଉତ୍ତେଜନା ଲାଗି ରହିଛି। ପୋଲିସ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରିଛି।

# ବିପଦସଂକୁଳ ଅବସ୍ଥାରେ ପୁରୁଣା ଜିଲ୍ଲାପାଳ କାର୍ଯ୍ୟାଳୟ




**୧୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାରୁ ଭାଗ ହୋଇ ୧୯୯୩ ମସିହାରେ ଭଦ୍ରକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଥିଲା । ସ୍ୱତନ୍ତ୍ର ଜିଲ୍ଲା ହେବା ପୂର୍ବରୁ ଏଠାରେ ଏକ ସବ୍ ଡିଭିଜନ ଅଫିସ ଥିଲା । ଜଣେ ଉପଜିଲ୍ଲାପାଳ ଭଦ୍ରକର ପ୍ରଶାସନିକ ଦାୟିତ୍ୱରେ ଥିଲେ । ଜିଲ୍ଲା ହେବା ପରେ ବ୍ରିଟିଶ ଅମଳରେ ନିର୍ମାଣ ହୋଇଥିବା ପୁରୁଣା କଚେରି ବିଲ୍ଡିଂରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚାଲିଥିଲା । ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭଦ୍ରକର ମହତାବ ଛକରେ ଥିବା ପୁରୁଣା ତହସିଲ କାର୍ଯ୍ୟାଳୟକୁ ଭଙ୍ଗା ଯାଇ ସେଠାରେ ନୂତନ ଭାବରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ମାଣ ହେବା ପରେ ୨୦୧୭ ମସିହାରେ ଏହି ନୂତନ କୋଠା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରିତ ହୋଇଥିଲା । ନୂଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ୩ ମହଲା ବିଶିଷ୍ଟ କୋଠାରେ ନିର୍ମିତ ହୋଇଛି । ଏହି କୋଠାରେ ଜିଲ୍ଲାପାଳଙ୍କ ସମେତ ଦୁଇ ଅତିରିକ୍ତ ଜିଲାପାଳ, ନିଜାରତ ଅଫିସ, ଜରୁରିକାଳୀନ ଅଫିସ, ସ୍ୱଳ୍ପ ସଞ୍ଚୟ ଅଫିସ, ଏନ୍‌ଆଇସି ଅଫିସ, ଇଲେକ୍ସନ ଅଫିସ, ଏଷ୍ଟାବ୍ଲିସ ବିଭାଗର କାର୍ଯ୍ୟାଳୟ ରହିଛି । ସେହିପରି ଜିଲ୍ଲାପାଳଙ୍କର ପୁରୁଣା କୋଠାରେ ଭଦ୍ରକ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚାଲିଥିଲା । ଏବେ ଦୁଇ ମାସ ହେଲା ଏହି ଉପଜିଲ୍ଲାପାଳଙ୍କ ଅଫିସକୁ ପୁରୁଣା କୋଠାରୁ ନୂତନ ଭାବରେ ନିର୍ମାଣ ହୋଇଥିବା ବାଇପାସ୍ ରୋଡ଼ରେ ଥିବା ଆଉଏମସି ମାର୍କେଟ କମ୍ପ୍ଲେକ୍ସକୁ ସ୍ଥାନାନ୍ତରିତ କରାଯାଇଛି । ଜିଲ୍ଲାପାଳଙ୍କ ପୁରୁଣା କୋଠା ଓ ବ୍ରିଟିଶ ଅମଳର କୋଠା ଅସୁରକ୍ଷିତ ଅବସ୍ଥାରେ ରହିଥିବାରୁ ଏହି କୋଠାକୁ ଭାଙ୍ଗି ଦିଆଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଏହି ପୁରୁଣା କୋଠାରେ ଏବେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ, ଜିଲ୍ଲା କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ରେକର୍ଡ ରୁମ୍, ଚକବନ୍ଦୀ କାର୍ଯ୍ୟାଳୟ, ଭୂ ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ସେଟେଲମେଣ୍ଟ କମିଶନରଙ୍କ କୋର୍ଟ ରହିଛି । ଏହି ଅଫିସ ଗୁଡ଼ିକ ପୁରୁଣା କୋଠାରେ ଚାଲୁଥିବା ବେଳେ ଅସୁରକ୍ଷିତ କୋଠା କେବେ କ'ଣ ହେବ ଜଣାନାହିଁ । ଏହି ପୁରୁଣା କୋଠାକୁ ଭଙ୍ଗା ଯିବା ପାଇଁ ବହୁ ଦିନରୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏବେ ଏହି କୋଠାକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ହୋଇଛି । ପୁରୁଣା କୋଠାରେ ଥିବା ପ୍ରଶାସନର ୬ ଟି କାର୍ଯ୍ୟାଳୟକୁ ଭଦ୍ରକ ନୂଆ ବଜାରରେ ଖାଲିପଡ଼ିଥିବା ପୁରୁଣା ଜିଲ୍ଲା ମେଡ଼ିକାଲ ପରିସରକୁ ସ୍ଥାନାନ୍ତରିତ କରାଯିବ । ଅସ୍ଥାୟୀ ଭାବରେ ଏହି ସବୁ କାର୍ଯ୍ୟାଳୟ ପୁରୁଣା ମେଡ଼ିକାଲ କୋଠାରେ ଚାଲିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି । ଚରମ୍ପା ସେବେନ ରୋଡ ଉଚ୍ଛେଦ ଅଭିଯାନ ଶେଷ ହେବା ପରେ ଭଦ୍ରକରେ ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭଙ୍ଗାଯିବ ।

## ଆଜିର ରାଶିଫଳ

ତାରିଖ ୧୯.୧୧.୨୦୨୫
ବୁଧବାର– ଚତୁର୍ଦ୍ଦଶୀ
ନକ୍ଷତ୍ର– ସ୍ୱାତୀ, ତୁଳାଚନ୍ଦ୍ର



| | | |
|---|---|---|
| ମେଷ | : | ସମ୍ପଦ ଲାଭ ଯୋଗ ରହିଛି । |
| ବୃଷ | : | ବକେୟା ପଡ଼ିଥିବା ଧନ ଲାଭ ହେବ । |
| ମିଥୁନ | : | ବନ୍ଧୁଙ୍କ ସହ ଅପ୍ରୀତିକର ହେବେ । |
| କର୍କଟ | : | କଳହ ଯୋଗ ରହିଛି । |
| ସିଂହ | : | ଦିନଟି ସୁଖଶାନ୍ତିରେ କଟିବ । |
| କନ୍ୟା | : | ଅଯଥା ଖର୍ଚ୍ଚରେ ପଡ଼ିବେ । |
| ତୁଳା | : | ଗୁରୁଜନ ପ୍ରଶଂସିତ ହେବେ । |
| ବିଛା | : | ଅର୍ଥଲାଭ ଯୋଗ ରହିଛି । |
| ଧନୁ | : | ପିତୃ ସମ୍ପଦ ଲାଭ ହେବ । |
| ମକର | : | ଅନୁଶୋଚନା କରିବେ । |
| କୁମ୍ଭ | : | ଅର୍ଥହାନି ହେବ । |
| ମୀନ | : | ଅପମାନ ଯୋଗ ରହିଛି । |

## କେନ୍ଦ୍ରାପଡ଼ାରେ ଶିକ୍ଷା ବ୍ୟବସ୍ଥାର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ

**କେନ୍ଦ୍ରାପଡ଼ା, ୧୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ବିକାଶ ପରିଷଦର ପ୍ରତିଷ୍ଠା ଦିବସ ଅବସରରେ 'କେନ୍ଦ୍ରାପଡ଼ାରେ ଶିକ୍ଷା ବ୍ୟବସ୍ଥାର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ହୋଟେଲ୍ ଚଣ୍ଡିଆ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଫେସର ନନ୍ଦକିଶୋର ପରିଡ଼ା ଉପସ୍ଥିତ ରହି ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ଅଭାବ, ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ପରିଷଦର ଅଧ୍ୟକ୍ଷ ଡାକ୍ତର ମଧୁସୂଦନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଅମ୍ବିକା ପ୍ରସାଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ପାଦକ ଚୌଧୁରୀ ଅମିତାଭ ଦାସ ଏହି ଆଲୋଚନାଚକ୍ରର ଆଭିମୁଖ୍ୟ ଓ ପରିଷଦର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ପରିଷଦର ସଂଯୋଜକ ଡ. ଅମୀୟ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଆଲୋଚନାଚକ୍ରର ଆବାହକ ଡ. କିଶୋର ଚନ୍ଦ୍ର ସ୍ୱାଇଁ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ।

ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶିକ୍ଷାବିତ୍, ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇ ନିଜ ନିଜ ମତ ରଖିଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ, ଅଣଶିକ୍ଷକ ପଦବୀ ଖାଲି ପଡିଥିବାରୁ ଉଦବେଗ ପ୍ରକାଶ ପାଇଥିଲା । ପିଲାଙ୍କ ଅନୁପାତରେ ଶିକ୍ଷକ ନଥିବାରୁ ପାଠପଢ଼ା ବ୍ୟାଘାତ ହେଉଛି । କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ସହ ଜିଲ୍ଲାରେ ଏକ ସରକାରୀ ମହାବିଦ୍ୟାଳୟ, ସରକାରୀ ବିଇଡି କଲେଜ ସ୍ଥାପନ ନିମନ୍ତେ ସମସ୍ତେ ମତ ଦେଇଥିଲେ । ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ସହ କୃଷିଭିତ୍ତିକ ଶିକ୍ଷାନୁଷ୍ଠାନ ପାଇଁ ସରକାର ତ୍ୱରିତ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା । ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେଲେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ସମସ୍ତେ କହିଥିଲେ । ଆଲୋଚନାଚକ୍ରରୁ ଆସିଥିବା ନିର୍ଯାସକୁ ନେଇ ରାଜ୍ୟ ସରକାରଙ୍କୁ ଜିଲ୍ଲାର ଶିକ୍ଷା ସ୍ଥିତି ସମ୍ପର୍କରେ ଲିଖିତ ଅବଗତ କରାଯିବ । ଏହି ଅବସରରେ ପ୍ରତି ବର୍ଷ ପରିଷଦ ପକ୍ଷରୁ ଶ୍ରେଷ୍ଠ ଶିକ୍ଷକ ସମ୍ମାନ ପ୍ରଦାନ କରାଯିବ ବୋଲି କାର୍ଯ୍ୟକାରିଣୀ ସଦସ୍ୟ ଡ. ସରୋଜକାନ୍ତ କାନୁନଗୋ ଘୋଷଣା କରିଥିଲେ । ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଫେସର ଧ୍ରୁବଚରଣ ନାୟକ ଏହି ସମ୍ମାନ ପ୍ରଚଳନ କରିଛନ୍ତି । ଉପଦେଷ୍ଟା ପ୍ରଫେସର ସରୋଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଅସୁସ୍ଥ ହାତୀଛୁଆ ଠାବ

**ଢେଙ୍କାନାଳ, ୧୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଏକ ଅସୁସ୍ଥ ହାତୀ ଛୁଆକୁ ଢେଙ୍କାନାଳ ବନଖଣ୍ଡର ଷଡଙ୍ଗୀ ଅଞ୍ଚଳରେ ଠାବ କରାଯାଇଛି। ଖଙ୍କିରା ସେକ୍ସନର ଛୋଟ ତେନ୍ତୁଳି ଅଞ୍ଚଳରେ ଏହି ହାତୀ ଛୁଆକୁ ଠାବ କରିଛି ବନ ବିଭାଗ । ଏହି ହାତୀ ଛୁଆର ବୟସ ୨ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ଏହା ଏକ ଅଣ୍ଡିରା ହାତୀ ତା'ର ପାଟିରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି। ଫଳରେ ସୋଲାର କରେଣ୍ଟ କିମ୍ବା ହାତୀ ମାନଙ୍କ ମଧ୍ୟରେ ସଂଘର୍ଷ ଯୋଗୁଁ ଏହି ହାରି ଛୁଆଟି ଗୁରୁତର ହୋଇଥିବା ଅନୁମାନ କରାଯାଇଛି । ସୂଚନା ମୁତାବକ, ଆଠଗଡ଼ ବନଖଣ୍ଡର ଖୁଂଟୁଣି ବନାଞ୍ଚଳରୁ ଗତ ବିଳମ୍ବିତ ରାତିରେ ହାତୀ ପଲଙ୍କ ସହିତ ହାତୀ ଛୁଆଟି ଧାନ ଖାଇବା ଆଶାରେ ଆସିଥିଲା । କିନ୍ତୁ ଛୁଆଟି ସୋଲାର ତାର ବାଡ଼ରେ ଲାଗି ସେଠାରେ ପଡି ଯାଇଥିବା ଅନୁମାନ ହୋଇଛି । ସକାଳ ହେବା ପରେ ହାତୀପଲ ଛୁଆଟିକୁ ସେଠାରେ ଛାଡି ଚାଲି ଯାଇଥିଲେ । ସ୍ଥାନୀୟ ଲୋକ ମାନେ ହାତୀ ଛୁଆଟିକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନ ବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚି ହାତୀଟିକୁ ଉଦ୍ଧାର କରି ଚିକିତ୍ସା କରିଛନ୍ତି ।

## ପାରଦ ତଳମୁହାଁ, ହାଡ଼ଭଙ୍ଗା ଶୀତରେ ଥରୁଛି ଘୁ.ଉଦୟଗିରି

**ଘୁ.ଉଦୟଗିରି, ୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ଡେରିରେ ଶୀତ ଆସିଥିବା ବେଳେ ଦିନକୁ ଦିନ ପାରଦ ଏବେ ତଳମୁହାଁ ହୋଇ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି । ଏପରି ସ୍ଥଳେ ହାଡ଼ଭଙ୍ଗା ଶୀତରେ ଥରୁଛି ଘୁ.ଉଦୟଗିରି । ଅଞ୍ଚଳବାସୀଙ୍କ ଜୀବନଜୀବିକା ପ୍ରଭାବିତ ହେଉଛି । ପ୍ରବଳ ଶୀତ ଯୋଗୁଁ ସକାଳୁ ଘରୁ ବାହାରିବା କଷ୍ଟକର ହୋଇପଡିଛି । ସ୍ଥାନୀୟ କୃଷିବିଜ୍ଞାନ କେନ୍ଦ୍ରର ସୂଚନା ପ୍ରକାରେ ସୋମବାର ସର୍ବନିମ୍ନ ତାପମାତ୍ରା ୫.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ମଙ୍ଗଳବାର ସକାଳୁ ୫.୬ ଡିଗ୍ରୀ ରେକର୍ଡ କରାଯାଇଛି । ପାରଦ ତଳ ଉପର



ହେଉଥିବାବେଳେ କୁହୁଡ଼ି ଯୋଗୁଁ ରାସ୍ତାରେ ଯାତାୟାତ କରିବାରେ କଷ୍ଟକର ହୋଇପଡୁଛି । ଶୀତ ଦାଉରୁ ରକ୍ଷା ପାଇବାକୁ ସନ୍ଧ୍ୟା ପୂର୍ବରୁ ଲୋକେ ନିଆଁ ଲଗାଇ ବସୁଥିବା ଦେଖିବାକୁ ମିଳିଛି । ପ୍ରବଳ ଶୀତ ଯୋଗୁଁ ସନ୍ଧ୍ୟା ହେଲେ ବଜାର ଶୂନଶାନ ହୋଇଯାଉଛି । ଫଳରେ ବ୍ୟବସାୟରେ ମଧ୍ୟ ପ୍ରଭାବ ପଡିଥିବା ନେଇ କହିଛନ୍ତି ସ୍ଥାନୀୟ ବ୍ୟବସାୟୀ । ଅସହ୍ୟ ଶୀତରେ ଦେହ ଥରୁଥିବା ବେଳେ ଅଞ୍ଚଳବାସୀଙ୍କ ପାଇଁ ଶୀତ ପୋଷାକ, ନିଆଁ ହିଁ ସାହା ଭରସା ବୋଲି କୁହାଯାଇଛି । ଅନ୍ୟପକ୍ଷରେ ଅତ୍ୟଧିକ ଥଣ୍ଡା ହେଉଥିବାବେଳେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି । ପ୍ରତି ବର୍ଷ ଭଳି ଏବର୍ଷ ମଧ୍ୟ ଅତ୍ୟଧିକ ଥଣ୍ଡା ହେଉଥିବାରୁ ଏବର୍ଷ ବି ତୁଷାରପାତ ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଥିବା ବେଳେ ଘୁ.ଉଦୟଗିରିରେ ଶୀତର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି । ଏ ଦୃଷ୍ଟିରୁ ଘୁ.ଉଦୟଗିରି ଅଞ୍ଚଳରେ ଇକୋ କଟେଜ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି ।

## କ୍ରୋମଓର ବେନିଫିସିଏସନ ପ୍ଲାଣ୍ଟରୁ ତରଳ ବର୍ଜ୍ୟପଦାର୍ଥ ନିର୍ଗମନ
## ଚାଷଜମି ଓ କେନାଲ ଜଳ ପ୍ରଦୂଷଣ ଅଭିଯୋଗ



**ଭଣ୍ଡାରିପୋଖରୀ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ବ୍ଲକ ବୟାବନାପୁର ପଞ୍ଚାୟତ ୧୬ ନଂ ଜାତୀୟ ରାଜପଥର ଯାମିନିବିନ୍ଧା ଗ୍ରାମରେ ଅବସ୍ଥିତ କ୍ରୋମ ଓର ବେନିଫିଏସନ ପ୍ଲାଣ୍ଟରୁ ଲାଲରଙ୍ଗର ତରଳ ବର୍ଜ୍ୟବସ୍ତୁ ବିପୁଳ ପରିମାଣରେ ନିର୍ଗତ ହୋଇ ଚାଷଜମି ଓ କେନାଲ ଜଳକୁ ପ୍ରଦୂଷିତ କରିଥିବା ଅଭିଯୋଗ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣିରେ ହୋଇଛି। ମହିଳା ନେତ୍ରୀ ସବିତା ଚନ୍ଦଙ୍କ ନେତୃତ୍ୱରେ ପ୍ରଶାନ୍ତ କୁମାର ସାହୁ, ମହେନ୍ଦ୍ର ମହାପାତ୍ର, ରଜନୀକାନ୍ତ ଚନ୍ଦ, ପ୍ରତାପ କିଶୋର ମହାପାତ୍ର, ଗୁରୁପ୍ରସାଦ ଗିରି, ବିଜୟ ଶଙ୍କର ମହାପାତ୍ର ପ୍ରମୁଖ ବୟାବନାପୁର, ଦକ୍ଷିଣବାଡ, ରାମଚନ୍ଦ୍ରପୁର, ତେସିଙ୍ଗା ଆଦି ପଞ୍ଚାୟତର ଶତାଧିକ ଚାଷୀ ଜିଲ୍ଲାପାଳଙ୍କ ଅଭିଯୋଗ ଶିବିରରେ ଅଭିଯୋଗ କରିଥିଲେ। ଗତ ୧୧ ତାରିଖରେ ଉପଯୁକ୍ତ ଭାବେ ଜନଶୁଣାଣି ହୋଇନଥିବା ଅଭିଯୋଗରେ ଦର୍ଶାଯାଇଛି। ଗତ ୧୪ ତାରିଖରେ ଏହି ପ୍ଲାଣ୍ଟରୁ ବର୍ଜ୍ୟ ନାଲରଙ୍ଗର ଜଳ ନିର୍ଗତ ହୋଇ ଚାଷଜମିକୁ ମାଡିଯିବା ସହ କେନାଲ ଜଳରେ ମିଶ୍ରଣ ହୋଇଛି। ଫଳରେ ଚାଷ ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି ବୋଲି ଅଭିଯୋଗ କରାଯାଇଛି। ଏବର କ୍ଷୁଦ୍ର ପ୍ଲାଣ୍ଟରୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଠୋସ ବ୍ୟବସ୍ଥା ନଥିବାରୁ ଏହା ସଙ୍କଟ ସୃଷ୍ଟି କରିଛି। ବର୍ଜ୍ୟଧୂଆଁ, ପାଉଁଶ ଆଦି ପରିଚାଳନା ହେବା ଉପରେ ଅଭିଯୋଗକାରୀ ସନ୍ଦେହ ପ୍ରକାଶ କରିଥିଲେ। ଜିଲ୍ଲାପାଳ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ଦୁଷ୍କର୍ମକାରୀ ଡାକ୍ତରଙ୍କ ନିଲମ୍ବନ କେବେ?

**କଣାସ, ୧୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଡାକ୍ତର କ୍ଷମାନିଧି ସେଠି ଗତ ୩ ତାରିଖ ଦିନ ସେହି ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଜଣେ ଆୟୁଷ ଡାକ୍ତାରାଣୀଙ୍କୁ ତାଙ୍କ ସ୍କୁଟରେ ବସି ଯାଉଥିବା ସମୟରେ ଦୁଷ୍କର୍ମ କରିବା ପାଇଁ ଉଦ୍ୟମ କରିଥିବା ଡାକ୍ତରାଣୀ ଜଣକ ଭୁବନେଶ୍ୱର ଏଆର ଫିଲିଡି ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଡାକ୍ତରଙ୍କୁ ସଙ୍ଗେ ସଙ୍ଗେ ଗିରଫ କରି ୪ତାରିଖ ଦିନ କୋର୍ଟଚାଲଣ କରିଥିଲେ । ପୁରୀ ମୁଖ୍ୟ ଚିକିତ୍ସା ଅଧିକାରୀ ଖବର ପାଇ ୫ ତାରିଖ ଦିନ ଏକ ତଦନ୍ତକାରୀ ଦଳଙ୍କୁ ପୁରୀରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ କରିଥିଲେ ମଧ୍ୟ ତଦନ୍ତ ରିପୋଟ ଭୁବନେଶ୍ୱର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ୧୩ତାରିଖ ଦିନ ଲିଖିତ ଭାବେ ଜଣାଇଥିଲେ । ୧୩ତାରିଖ ଦିନ ନିର୍ଦ୍ଦେଶକ ପୁରୀ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପତ୍ର ପାଇଥିଲେ ମଧ୍ୟ ଖବର ଲେଖା ହେବା ସୁଧା ସରକାରଙ୍କୁ ଜଣାଇ ନ ଥିଲେ । ଜଣେ ସରକାରୀ କର୍ମଚାରୀ ଗିରଫ ହୋଇ କୋର୍ଟଚାଲଣ ହେବାର ୪୮ଘଣ୍ଟା ବିତିଗଲା ପରେ ନିଲମ୍ବନ ହେବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ କାହିଁକି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ନିର୍ଦ୍ଦେଶକ ଗିରଫ ହୋଇଥିବା ଡାକ୍ତରଙ୍କୁ କି ଉଦ୍ଦେଶ୍ୟ ରଖି ନିଲମ୍ବନ ନ କରି ଘଣ୍ଟଘୋଡାଉଛନ୍ତି ତାହା କଣାସ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର ବିଷୟବସ୍ତୁ ହୋଇଛି । ଉକ୍ତ ଡାକ୍ତର ଗିରଫ ହେବାପରେ ମଧ୍ୟ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତରଖାନାକୁ ଡାକ୍ତର ନ ପଠାଇବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ଜଣ ଡାକ୍ତର ରହିବାର ବ୍ୟବସ୍ଥା ଥିବା ବେଳେ ମାତ୍ର ୪ଜଣ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ୧୧ଟି ଡାକ୍ତର ପଦବୀ ଦୀର୍ଘ ଦିନ ହେଲା ଖାଲିପଡିଛି । ଦୈନନ୍ଦିନ ୫ଶହରୁ ଉର୍ଦ୍ଧ୍ୱ ରୋଗୀ ଡାକ୍ତରଖାନାକୁ ଆସୁଥିବାରୁ ଯେଉଁ ଡାକ୍ତରଙ୍କ ଡିୟୁଟ୍ ପଡୁଛି ସେ ଲହୁଲୁହାଣ ହୋଇପଡୁଛନ୍ତି । ଜଣେ ଜଣେ ରୋଗୀ ଡାକ୍ତରଙ୍କୁ ଦେଖା ହେବା ପାଇଁ ଲାଇନ୍‌ରେ ଦୁଇରୁ ତିନି ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ସ୍ୱାସ୍ଥ୍ୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବା ପାଇଁ କଣାସ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବ୍ରାହ୍ମଣୀରେ ବୁଡି ଛାତ୍ର ନିଖୋଜ

**ଢେଙ୍କାନାଳ, ୧୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନ୍ୟକୁ ଉଦ୍ଧାର କରିବାକୁ ଯାଇ ବ୍ରାହ୍ମଣୀ ନଦୀର ମା' ହିଙ୍ଗୁଳା ଘାଟ ଗାଧୋଇବା ବେଳେ ଛାତ୍ର ନିଖୋଜ ହୋଇଯାଇଛି। ନିଖୋଜ ଛାତ୍ର ହେଲେ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୧୨ ଅ'ର୍ଗତ ଜଗନ୍ନାଥ ମଣ୍ଡପ ଦିଲ୍ଲିପ ପୋଥାଳଙ୍କ ପୁଅ ନରହରି ପୋଥାଳ । ନରହରି ଏକ ଛୋଟ ବାଳକକୁ ବଞ୍ଚାଇବାକୁ ନିଜେ ଭୁଷା ବାଲିରେ ଖସି ଯାଇଥିବା ଘଟଣାସ୍ଥଳରୁ ପ୍ରକାଶ ପାଇଛି। ତେବେ ଖବର ପାଇ ଭୁବନ ଅଗ୍ନିଶମବାହିନୀ ଖୋଜାଖୋଜି ଜାରି ରଖିଛନ୍ତି । ନରହରି ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଯୁକ୍ତ ତିନି କଳାର ଛାତ୍ର ଅଟନ୍ତି । ନରହରି ଦିଲ୍ଲୀପଙ୍କ ଏକ ମାତ୍ର ପୁଅ । ଭୁବନ ପୂର୍ବତନ ନଗରପାଳ ଶୁଭେନ୍ଦୁ ସାହୁ ନିଖୋଜ ପରିବାର ବର୍ଗଙ୍କୁ ସାକ୍ଷାତ କରି ଆଶ୍ୱାସନା ଦେବା ସହ ନିଖୋଜ ଛାତ୍ରଙ୍କୁ ଖୋଜିବାକୁ ଓଡ୍ରାଫ ଟିମଙ୍କୁ ଗୁହାରି କରିଥିଲେ। ଗନ୍ଦିଆରୁ ସ୍କୁବା ଡ୍ରାଇଭର ପହଞ୍ଚି ବହୁ ଖୋଜାଖୋଜି କରି ନିରାଶରେ ଫେରିଥିଲେ ।

## ଦନ୍ତା ହାତୀର ମୃତ୍ୟୁ

**ରେଢ଼ାଖୋଲ, ୧୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରେଢ଼ାଖୋଲ ବନଖଣ୍ଡ ବଡବାହାଲ ରେଞ୍ଜ ବଡ଼କୁଡା ଗ୍ରାମ ନିକଟ ଜଙ୍ଗଲରେ ଏକ ଦନ୍ତା ହାତୀର ମୃତଦେହ ଜବତ କରିଛି ବନ ବିଭାଗ । ହାତୀର ମୃତ୍ୟୁ କେଉଁ କାରଣରୁ ହୋଇଛି ତାହା ଜଣାପଡିନାହିଁ । କାରଣ ଖୋଜୁଛି ବନ ବିଭାଗ । ଗତ କିଛି ଦିନ ହେବ ବନଖଣ୍ଡର ବିଭିନ୍ନ ଅଞ୍ଚଳରେ ହାତୀ ପଲ ଉପଦ୍ର କରି ଆସୁଛନ୍ତି । ଆଜି (ମଙ୍ଗଳବାର) ବଡ଼କୁଡା ଗ୍ରାମ ନିକଟ ଖେସରା ଜଙ୍ଗଲରେ ଏକ ଦନ୍ତାର ମୃତଦେହ ପଡିଥିବା ନେଇ ବନ ବିଭାଗ ଖବର ପାଇଥିଲା । ରେଢ଼ାଖୋଲ ଡ଼ିଏଫଓଙ୍କ ସମେତ ବନ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି । ହାତୀର ମୃତ୍ୟୁର କାରଣ ଜଣାପଡି ନାହିଁ । ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ବନ ବିଭାଗ ସୂଚନା ଦେଇଛି । ତେବେ ମୃତ ହାତୀର ବୟସ ପ୍ରାୟ ୨୦ବର୍ଷ ହେବ ବୋଲି ଜଣାପଡିଛି ।

## ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ଘଟଣା : ୧୨ ଘଣ୍ଟିଆ କେନ୍ଦୁଝର ବନ୍ଦ

**କେନ୍ଦୁଝର, ୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ମାମଲାରେ ମଙ୍ଗଳବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ କେନ୍ଦୁଝର ଜିଲା ବନ୍ଦ ଡ଼ାକରା ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି । ଜିଲ୍ଲାରେ ଅତ୍ୟାବଶ୍ୟକ ସେବା ଛାଡ଼ି ସକାଳୁ ଦୋକାନ, ବଜାର, ସ୍କୁଲ୍, କଲେଜ, ଯାନବାହାନ ଚଳାଚଳ ବନ୍ଦ ରହିଛି । ଅନୁପ୍ରବେଶକାରୀ, ଉପଦ୍ରବକାରୀ, ଅସାମାଜିକ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଜିଲ୍ଲାରୁ ବାହାର କରିବା ଦାବିରେ ଏହି ବନ୍ଦ ଡ଼ାକରା ଦିଆଯାଇଛି ।



କେନ୍ଦୁଝର ମୁଖ୍ୟାଳୟ ସମେତ ଚମ୍ପୁଆ, ଯୋଡ଼ା, ବଡ଼ବିଲ, ପାଟଣା, ଘସିପୁରା, ଆନନ୍ଦପୁର ଏବଂ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏହି ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ସକାଳୁ ବିଶ୍ୱହିନ୍ଦୁ ପରିଷଦର ନେତା ଓ ସଦସ୍ୟମାନେ ପିକେଟିଂ କରି ବିଭିନ୍ନ ସ୍ଥାନରେ ବନ୍ଦ କରିଛନ୍ତି । ଜିଲ୍ଲାରେ ଯାନବାହାନ ଚଳାଚଳ ବନ୍ଦ ରହିଛି । ଦୋକାନ, ବଜାର ବନ୍ଦ ରହିଛି ।

ସୂଚନାଯୋଗ୍ୟ ଯେ, ଚଳିତମାସ ୧୫ ତାରିଖରେ ସଦର ଥାନା ଗୁଆକାଟୀ ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମର ଶିକାର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ମାମଲାରେ ପୁଲିସ ଜଣେ ବଙ୍ଗାଳୀ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ରାସ୍ତା ପାଲଟିଛି ମରଣଯନ୍ତା

**ମାହାଙ୍ଗା, ୧୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରଙ୍କ ପକ୍ଷରୁ କୋଟି କୋଟି ଖର୍ଚ୍ଚ କରାଯାଇ ଆରଡ଼ି ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ଏବେ ରାସ୍ତା ଅବସ୍ଥା ବେହାଲ ହୋଇଥିବା ବେଳେ ଶୋଚନୀୟ ହୋଇ ପଡିଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୋଡାମରାଇ ପଂଚାୟତ ସ୍ଥିତ ନିମ୍ବଦେବୀ ଠାକୁରାଣୀ ଠାରୁ ପୁନିଆ ଦୋକାନ ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାରେ । ଏବେ ଏହି ରାସ୍ତାଟି ଶୋଚନୀୟ ହୋଇ ପଡ଼ିଥିବା ସହ ଯାତାୟାତ ଅନୁପଯୁକ୍ତ ହୋଇପଡିଛି । ଏହି ରାସ୍ତା ଦେଇ ଛାତ୍ର ଛାତ୍ରୀ ଓ ଜନସାଧାରଣ ମାନେ ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର, ମେଡିକାଲ, ବ୍ଲକ, ତହସିଲ, ଥାନା, ନିଶ୍ଚିନ୍ତକୋଇଲି ଓ କେନ୍ଦ୍ରାପଡ଼ା ଆଦି ସ୍ଥାନକୁ ଯାତାୟାତ କରିଥାନ୍ତି । ଏହି ରାସ୍ତାର ଅଧିକାଂଶ ସ୍ଥାନରେ ଖାଲଖମା ସୃଷ୍ଟି ହେବା ସହ ବର୍ଷାଦିନେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି । ଯାହା



ଫଳରେ ଜନସାଧାରଣମାନେ ଛୋଟ ଯାତାୟାତରେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ରାସ୍ତାଟି ମାହାଙ୍ଗା–କଟିକଟା ମୁଖ୍ୟ ରାସ୍ତାକୁ ସଂଯୋଗ କରୁଅଛି । ଏ ନେଇ ସ୍ଥାନୀୟ ଲୋକେ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ବିଧାୟକ ସ୍ୱତନ୍ତ୍ର ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଘରୋଇ ମେସରେ ଜୀବନ ହାରିଲେ ଛାତ୍ର

**ଜଗତସିଂହପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ନବକୃଷ୍ଣ ଚୌଧୁରୀ ଷ୍ଟାଡିଅମ ନିକଟରେ ଏକ ଘରୋଇ ମେସରେ ଜଣେ କଲେଜ ଛାତ୍ରଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି । ମୃତ ଛାତ୍ର ହେଲେ ଜଗତସିଂହପୁର ଥାନା ଉଗାଳପୁର ଅଞ୍ଚଳର ଓମ୍ ପ୍ରକାଶ ଆଚାର୍ଯ୍ୟ । ସେ ଏସଭିଏମ୍ ସ୍ୱୟଂଶାସିତ କଲେଜରେ ଯୁକ୍ତ ୩ ତୃତୀୟ ବର୍ଷ ଇତିହାସ ସମ୍ମାନରେ ପଢୁଥିଲେ । ଗତକାଲି ଓମ୍ ପ୍ରକାଶ ଉକ୍ତ ଘରୋଇ ମେସରେ ରହୁଥିବା ତାଙ୍କ ସାଙ୍ଗଙ୍କ ପାଖକୁ ଆସିଥିଲେ । ରାତିରେ ଗୋଟିଏ ରୁମରେ ଏକୁଟିଆ ରହିଥିଲେ । ଆଜି ସକାଳୁ ଜଣେ ସାଙ୍ଗ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ । ଏହା ଏକ ଆତ୍ମହତ୍ୟା ବୋଲି ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି । ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ଦୁଃଖର କାରଣ ନାଗାବଳୀ : ଗ୍ରାମବାସୀ ତିଆରି କଲେ କାଠପୋଲ

**କଲ୍ୟାଣସିଂହପୁର, ୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜୀବନକୁ ବାଜି ଲଗାଇ ଜୀବନ ଜୀବିକା ସହ ସଂଘର୍ଷ କରିବାକୁ ପଡୁଛି ଗ୍ରାମବାସୀଙ୍କୁ । ଖାଲି ସେତିକି ନୁହେଁ, ପିଲାଙ୍କୁ ପଢ଼ିବା ପାଇଁ ଭରା ନଦୀ ପାର ହେବାକୁ ବି କରିବାକୁ ପଡୁଛି ସଂଘର୍ଷ । ବର୍ଷ ବର୍ଷ ଧରି ଏଭଳି ସମସ୍ୟାରେ ସନ୍ତୁଳି ହେଉଛନ୍ତି ରାୟଗଡ଼ା ଜିଲା କଲ୍ୟାଣସିଂପୁର ବ୍ଲକ ଶିକରପାଇ ପଞ୍ଚାୟତ ତଳସଜା ଓ ଉପର ସଜା ଗ୍ରାମବାସୀ । ଶେଷରେ ଗ୍ରାମବାସୀ ଚାନ୍ଦା ଆଦାୟ କରି ନାଗାବଳୀ ନଦୀରେ କାଠ ପୋଲ ନିର୍ମାଣ କରୁଛନ୍ତି ।

ନାଗାବଳୀ ନଦୀ ଗ୍ରାମ ପାଇଁ ଦୁଃଖ ସାଜିଛି । ସମସ୍ତ ପ୍ରକାର ମୌଳିକ ସୁବିଧାରୁ ବଞ୍ଚିତ ଏହି ଗ୍ରାମବାସୀ ବର୍ଷାଦିନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ଜଳବନ୍ଦୀ ଜୀବନ ବିତାଉଛନ୍ତି । ଏହି ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ଓ ଭତ୍ତା ପାଇବା ଲୋକଙ୍କ ପାଇଁ କଷ୍ଟକର ହୋଇପଡୁଛି ବୋଲି ଗ୍ରାମର ସୁରି ମିଣିଆକା କହିଛନ୍ତି ।

ଜଣେ ଛାତ୍ର କୃଷ୍ଣ ମିଣିଆକା କହିଛନ୍ତି, ନଦୀ ଆରପଟେ ଥିବା ଶିକରପାଇ ବିଦ୍ୟାଳୟକୁ ପାଠ ପଢ଼ିବାକୁ ନିୟମିତ ଏଭଳି ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର ହେଉଛୁ । କିଛିଦିନ ତଳେ ନାଗାବଳୀ ନଦୀରେ ବନ୍ୟା ଆସିଥିବାରୁ ବିଦ୍ୟାଳୟ ଯିବା ବନ୍ଦ ହୋଇ ଯାଇଥିଲା । ଶିକ୍ଷା ଆହରଣରେ ପଛୁଆ ରହି ଯାଇଥିଲୁ । ଏବେ ବନ୍ୟାଜଳ ହ୍ରାସ ପାଇବାରୁ ନିୟମିତ ବିଦ୍ୟାଳୟକୁ ନଦୀ ପାର ହୋଇ ଯିବାକୁ ପଡୁଛି ।



ପୂର୍ବରୁ ପ୍ରତିବର୍ଷ ଗ୍ରାମବାସୀ ଚାନ୍ଦା କରି ଜଙ୍ଗଲରୁ କାଠ ପୋଲ ନିର୍ମାଣ କରି ବିପଦ ସଂକୁଳ ଅବସ୍ଥାରେ ଯାଇଥାନ୍ତି । ବର୍ଷା ଋତୁରେ ପାଣି ଆସିଲେ ସେହି କାଠପୋଲ ଭାସିଯାଏ । ପରେ ପୁଣି ଗତକାଲିଠୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି କାଠପୋଲ । ଗତ ବର୍ଷ ଗ୍ରାମବାସୀ କାଠ ପୋଲ ନିର୍ମାଣ କରି ଯାତାୟାତ କରୁଥିବା ବେଳେ ଜିଲ୍ଲା ପ୍ରଶାସନ ନୋଏଣ୍ଟ୍ରି ଜୋନ ଘୋଷଣା କରି ପୋଲରେ ଯିବା ଆସିବା ନ କରିବା ପାଇଁ ଗ୍ରାମବାସୀଙ୍କୁ ପ୍ରତିବନ୍ଧକ ଲଗାଇଥିଲା । ସରକାର ପୋଲ କରିବା ପାଇଁ ପ୍ରତିବର୍ଷ ଓ ପ୍ରତି ନିର୍ବାଚନରେ କେବଳ ପ୍ରତିଶ୍ରୁତି ମିଳୁଛି, କିନ୍ତୁ ପୋଲ ନିର୍ମାଣ କରାଯାଉନି । ଏହି ପୋଲ ବଦଳରେ ପ୍ରଶାସନ ତଳ ସଜାଠାରୁ କୋଟଲ ପଦର ଦେଇ ମାଝୀଗୁଡା ଯିବା ପାଇଁ ପକ୍କା ରାସ୍ତା ନିର୍ମାଣ କରିଛନ୍ତି ସତ, କିନ୍ତୁ ପାଠୁଆ ପିଲା, ଭତ୍ତା ପାଉଥିବା ବୃଦ୍ଧା ଓ ରୋଗୀଙ୍କଠାରୁ ଆରମ୍ଭ କରି ଶିଶୁ ଓ ଗର୍ଭବତୀ ମହିଳା ପର୍ଯ୍ୟନ୍ତ ମେଡିକାଲ, ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ବ୍ୟାଙ୍କ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟକୁ ଯିବାପାଇଁ ୫ କିମି ବଦଳରେ ୨୦ କିମି ବୁଲିକି ଯିବାକୁ ପଡୁଛି । ତେଣୁ ଦୀର୍ଘ ୨୦ ବର୍ଷ ଧରି ଗ୍ରାମବାସୀ ପୋଲ ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି । କିନ୍ତୁ ସରକାର ଶୁଣିଲେ ନାହିଁ । ଯାହା ଫଳରେ ଛାତ୍ରଛାତ୍ରୀଙ୍କୁ କାଠ ପୋଲରେ କେବେ ରସି ଲଗାଇ ଭରା ନଈ ପାର ହେଉଛନ୍ତି ତ କେତେବେଳେ ଗର୍ଭବତୀଙ୍କୁ ଷ୍ଟ୍ରେଚର ସାହାଯ୍ୟରେ ବୋହୁଥିବା ଦୃଶ୍ୟ ଦେଖିବାକୁ ମିଳିଛି । ସରକାର କେବେ ପୋଲଟିଏ କରିବେ । ଏମାନଙ୍କ ଦୁଃଖ କେବେ ଶୁଣିବେ ନା ଭରା ନଈରେ ତାର ଲଗାଇ କିମ୍ବା କାଠ ପୋଲ ନିର୍ମାଣ କରି ଜୀବନକୁ ବାଜି ଲଗାଇ ସଂଘର୍ଷ କରିବେ ତାହା ସରକାର ନିର୍ଣ୍ଣୟ କରିବେ ବୋଲି ଗ୍ରାମବାସୀ କହିଛନ୍ତି ।

ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ରମେଶ ନାୟକଙ୍କୁ ପଚାରିବାରୁ ସେ କହିଲେ, ନାଗାବଳୀ ନଦୀରେ କରାଯାଉଥିବା କାଠ ପୋଲ ବିଷୟରେ ଆମେ ଅବଗତ ନାହୁଁ । ଆମକୁ କେହି ସୂଚନା ଦେଇନାହାନ୍ତି । ଗତ ଥର କରିଥିବା କାଠ ପୋଲକୁ ଆମେ ବନ୍ଦ କରିଥିଲୁ । ଉକ୍ତ ଗ୍ରାମକୁ ପୋଲ ନିର୍ମାଣ ପାଇଁ ମାପ ଚୁପ କରି ସରକାରଙ୍କ ନିକଟକୁ ପଠାଇଛୁ । ସେହି ଠାରୁ ନିର୍ଦ୍ଦେଶ ଆସିଲେ ଟେଣ୍ଡର ମାଧ୍ୟମରେ ପୋଲ ନିର୍ମାଣ କରିବାକୁ ଦିଆଯିବ ବୋଲି କହିଛନ୍ତି ।

ସବୁବେଳେ ଦେଖାଯାଏ ଶିଳ୍ପୀମାନେ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଅନ୍ତି ନାହିଁ ଲୋକପ୍ରିୟତାର ନିଶାରେ ବୁଡ଼ିରହିବା କାରଣରୁ । ଶ୍ରୋତାଙ୍କ କରତାଳି ସେମାନଙ୍କୁ ପ୍ରଲୁବ୍ଧ କରେ ଗୀତ ଗାଇବାକୁ। ଲୋକଙ୍କ ଭଲପାଇବା ସେମାନଙ୍କୁ ସବୁବେଳେ ବ୍ୟସ୍ତ ରଖେ । ନିଜ ପାଇଁ ସମୟ ବାହାର କରିପାରନ୍ତିନି ଅନେକ । ବିଶ୍ରାମ ନେବାର ସୁଯୋଗ ନଥାଏ । କିନ୍ତୁ ଏକଥା ମଧ ଜାଣିବା ଉଚିତ୍ ଟଙ୍କା ଏବଂ ଲୋକପ୍ରିୟତାର ଊର୍ଦ୍ଧ୍ୱରେ ସ୍ୱାସ୍ଥ୍ୟ । ତେଣୁ ଶିଳ୍ପୀମାନେ ପ୍ରଥମେ ନିଜ ସ୍ୱାସ୍ଥ୍ୟର ଯତ୍ନନେବା ଉଚିତ୍ । ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ କରିବା ଦରକାର, ଯାହା ଅଧିକାଂଶ ଶିଳ୍ପୀ କରନ୍ତି ନାହିଁ କି କରିବାକୁ ସମୟ ପାଆନ୍ତି ନାହିଁ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୯ ନଭେମ୍ବର, ୨୦୨୫ | ବୁଧବାର

# ଓଡ଼ିଶା ଏକ୍ସପ୍ରେସ୍

## ଆହୁରି ଅନେକ ଗୀତ ଗାଇବାର ଥିଲା

ଯୁବ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଅକାଳ ବିୟୋଗ ତାଙ୍କ ପ୍ରଶଂସକମାନଙ୍କୁ ମର୍ମାହତ କରିଛି । ମାତ୍ର ୩୬ ବର୍ଷ ବୟସରେ ସେ ଆଖି ବୁଜିଛନ୍ତି । ଆହୁରି ଅନେକ ଗୀତ ଗାଇଥାନ୍ତେ ସେ, ମୁଗ୍ଧ କରିଥାନ୍ତେ ଶ୍ରୋତାଙ୍କୁ । ସେସବୁ ସ୍ୱପ୍ନ ବାକି ରହିଗଲା । ହ୍ୟୁମାନଙ୍କ କଣ୍ଠ ମୁମ୍ବାଇ କଣ୍ଠଶିଳ୍ପୀଙ୍କ ବିକଳ୍ପ ହୋଇପାରିଥିଲା । ମେଲୋଡି ହେଉ ବା ଷ୍ଟେଜ୍ ଶୋ' ଅବା ଗୀତ ରେକର୍ଡିଂ- ସଙ୍ଗୀତ ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ ଥିଲେ ହ୍ୟୁମାନ । ସେ ଓଡ଼ିଶାର ସବୁଠାରୁ ଅଧିକ ପାରିଶ୍ରମିକ ନେଉଥିବା କଣ୍ଠଶିଳ୍ପୀ ଥିଲେ । ଷ୍ଟେଜ୍ ଶୋ' ପିଛା ସେ ୨ରୁ ଅଢ଼େଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାରିଶ୍ରମିକ ନେଉଥିଲେ । ଗଣେଶପୂଜାଠାରୁ ଆରମ୍ଭ କରି ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, ବିବାହ ଓ ନୂଆବର୍ଷରେ ତାଙ୍କ ଷ୍ଟେଜ୍ ଶୋ'ର ପ୍ରବଳ ଚାହିଦା ଥାଏ । ଏଥିସହିତ ସେ ସଙ୍ଗୀତ ରେକର୍ଡିଂ ବାବଦକୁ ଅନ୍ୟ କଣ୍ଠଶିଳ୍ପୀଙ୍କ ଅପେକ୍ଷା ଦି'ଗୁଣା ଅଧିକ ପାରିଶ୍ରମିକ ପାଇଥାନ୍ତି ।

ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ ସହରରେ ହ୍ୟୁମାନଙ୍କ ଜନ୍ମ । ବାପା ମା' ଉଭୟେ ଥିଲେ କଣ୍ଠଶିଳ୍ପୀ। ତାଙ୍କ ଜେଜେବାପା ବି ଜଣେ ସଂଗୀତ ନିର୍ଦ୍ଦେଶକ ଥିଲେ । ହ୍ୟୁମାନ ୨୨ ବର୍ଷ ବୟସରେ ତରଙ୍ଗ ଟିଭିର ଲୋକପ୍ରିୟ ରିୟଲିଟି ଶୋ' 'ଭଏସ୍ ଅଫ୍ ଓଡ଼ିଶା ସିଜିନ୍-୨'ରେ ଅଂଶଗ୍ରହଣ କରି ବିଜେତା ହୋଇଥିଲେ । ୨୦୧୫ ମସିହାରେ ସେ ତରଙ୍ଗ ସିନେ ପ୍ରଡକ୍ସନର ଚଳଚ୍ଚିତ୍ର 'ଇସ୍କ ତୁ ହି ତୁ'ରେ ଗୀତ ଗାଇବାର ସୁଯୋଗ ପାଇଥିଲେ । ସଙ୍ଗୀତ ନିର୍ଦ୍ଦେଶକ ଥିଲେ ଅଭିଜିତ ମଜୁମଦାର । ଅଭିଜିତ ମଧ ଏବେ ଜୀବନ ସହିତ ସଂଗ୍ରାମ କରୁଛନ୍ତି । ଏ ଚଳଚ୍ଚିତ୍ର ପରେ ସେ ଆଉ ପଛକୁ ଚାହିଁନାହାନ୍ତି । ଗୋଟାଏ ପରେ ଗୋଟାଏ ସୁଯୋଗ ଆସିଯାଇଛି ତାଙ୍କ ହାତକୁ ।

ହ୍ୟୁମାନଙ୍କ ଦେହାନ୍ତ ପରେ ତାଙ୍କ ମା' ଅଭିଯୋଗ କରିଥିଲେ- ତାଙ୍କ ପୁଅକୁ ବିଭିନ୍ନ ଷ୍ଟେଜ୍ ଶୋ' କରିବାକୁ ବାଧ କରାଯାଉଥିଲା । ହ୍ୟୁମାନଙ୍କ ଦେହ ଖରାପ ଥିବା ଜାଣି ମଧ ତାଙ୍କ ପିଏ ଟଙ୍କା ନେଇଥିବା ଅଭିଯୋଗ କରିଛନ୍ତି ସେ । ହ୍ୟୁମାନଙ୍କ ପିଏ ବିଭିନ୍ନ ଆୟୋଜକ କମିଟି ନିକଟରୁ ଷ୍ଟେଜ୍ ଶୋ' ପାଇଁ ଟଙ୍କା ରଖିଥିଲେ । ଦେହ ଖରାପ ଥିବାରୁ ହ୍ୟୁମାନ ଷ୍ଟେଜ୍ ଶୋ' କରିପାରିବେ ନାହିଁ ବୋଲି ମନା କରିଥିଲେ ମଧ ମ୍ୟାନେଜର ତାଙ୍କ କଥା ଶୁଣିନଥିଲେ । ଅନ୍ୟପଟେ ହ୍ୟୁମାନଙ୍କ ପିଏଙ୍କ ଭଉଣୀ ଏକଥାକୁ ଖଣ୍ଡନ କରିଛନ୍ତି ।

ଠିକ୍ ଏମିତି ଏକ ନଭେମ୍ବର ୧୭ ତାରିଖ ଛଡ଼ାଇ ନେଇଥିଲା ଖୋକାଭାଇ (ଅକ୍ଷୟ ମହାନ୍ତି)ଙ୍କୁ । ଠିକ୍ ସେଇ ମାସ ଆଉ ସେଇ ତାରିଖରେ ଚାଲିଗଲେ ହ୍ୟୁମାନ ।

ଯେଉଁମାନଙ୍କୁ ନେଇ ଓଡ଼ିଶା ଗର୍ବ କରେ ସେମାନେ ଅସମୟରେ ଚାଲିଗଲେ ଦୁଃଖ ଲାଗେ । ଆଉ କ'ଣ ଭରଣା ହୋଇପାରିବ ସେ ଶୂନ୍ୟସ୍ଥାନ?- ଏମିତି ଏକ ହତାଶାର ଅଭିବ୍ୟକ୍ତି ଶୁଣିବାକୁ ମିଳେ ପ୍ରଶଂସକଙ୍କ ପାଖରୁ ।

ସବୁବେଳେ ଦେଖାଯାଏ ଶିଳ୍ପୀମାନେ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଅନ୍ତି ନାହିଁ ଲୋକପ୍ରିୟତାର ନିଶାରେ ବୁଡ଼ିରହିବା କାରଣରୁ । ଶ୍ରୋତାଙ୍କ କରତାଳି ସେମାନଙ୍କୁ ପ୍ରଲୁବ୍ଧ କରେ ଗୀତ ଗାଇବାକୁ। ଲୋକଙ୍କ ଭଲପାଇବା ସେମାନଙ୍କୁ ସବୁବେଳେ ବ୍ୟସ୍ତ ରଖେ । ନିଜ ପାଇଁ ସମୟ ବାହାର କରିପାରନ୍ତିନି ଅନେକ । ବିଶ୍ରାମ ନେବାର ସୁଯୋଗ ନଥାଏ । କିନ୍ତୁ ଏକଥା ମଧ ଜାଣିବା ଉଚିତ୍ ଟଙ୍କା ଏବଂ ଲୋକପ୍ରିୟତାର ଊର୍ଦ୍ଧ୍ୱରେ ସ୍ୱାସ୍ଥ୍ୟ । ତେଣୁ ଶିଳ୍ପୀମାନେ ପ୍ରଥମେ ନିଜ ସ୍ୱାସ୍ଥ୍ୟର ଯତ୍ନନେବା ଉଚିତ୍ । ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ କରିବା ଦରକାର, ଯାହା ଅଧିକାଂଶ ଶିଳ୍ପୀ କରନ୍ତି ନାହିଁ କି କରିବାକୁ ସମୟ ପାଆନ୍ତି ନାହିଁ ।

ମୃତ୍ୟୁ ତ ଅବଶ୍ୟମ୍ଭାବୀ କିନ୍ତୁ ଅସମୟରେ ପ୍ରିୟଜନ ଜଣେ ଚାଲିଗଲେ ଦୁଃଖ ବେଶି ହୁଏ। ଯଦି ଅସୁସ୍ଥତା ଆରମ୍ଭ ହେବା ମାତ୍ରେ ଉନ୍ନତ ଚିକିତ୍ସା କରାଯାଇଥାନ୍ତା ତା'ହେଲେ ହୁଏତ ତାଙ୍କୁ ହରାଇନଥାନ୍ତେ ତାଙ୍କ ପ୍ରଶଂସକ ଏବଂ ପରିବାରବର୍ଗ । ତଥାପି ହ୍ୟୁମାନ ମନେରହିବେ, ତାଙ୍କ ସ୍ୱର ତାଙ୍କୁ ବଞ୍ଚାଇ ରଖିବ ସବୁଦିନ ପାଇଁ...

# ନଈ ପରି ଭାଷାର ଗତି, ନ ହେଉ ଇତି - (୪)



**ଇତିହାସର ଇତି କଥା**

**ସତ୍ୟବାଦୀ ବଳିଆରସିଂହ**

ବୌଧାୟନଙ୍କ ଧର୍ମସୂତ୍ର, ପାଣିନୀଙ୍କ ଅଷ୍ଟାଧ୍ୟାୟୀ, ଭରତଙ୍କ ନାଟ୍ୟଶାସ୍ତ୍ର, କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର, ବୌଦ୍ଧ ଶାସ୍ତ୍ର, ମହାଭାରତ, ରାମାୟଣ, କପିଳ ସଂହିତା, ସ୍କନ୍ଦ ପୁରାଣ, ବ୍ରାହ୍ମଣ ପୁରାଣ, ମାର୍କଣ୍ଡ ପୁରାଣ, ପ୍ଲିନିଙ୍କ National history ଟଲେମିଙ୍କ ଭୂଗୋଳ, ମେଘାସ୍ଥିନୀଙ୍କ ଇଣ୍ଡିକା, ହୁଏନସାଂଙ୍କ ବିବରଣୀ (ଖ୍ରୀ ୬୩୭ରେ ବଙ୍କାଡ଼ ଗଡ଼ ଆସିଥିଲେ) ଓଡ଼ିଆ ଶବ୍ଦର ପ୍ରାଚୀନ ରୂପର ସନ୍ଧାନ ମିଳେ। ୩ୟ ଶତାବ୍ଦୀର ଭଦ୍ରକାଳୀ ଶିଳାଲିପି ଠାରୁ ଷୋଡ଼ଶ ଶତାବ୍ଦୀର ପ୍ରତାପରୁଦ୍ର ଦେବଙ୍କ ଶ୍ରୀଜଗନ୍ନାଥ ମନ୍ଦିର ଶିଳାଲିପି ଲେଖା ହେବା ପର୍ଯ୍ୟନ୍ତ ବିଭିନ୍ନ ଶତାବ୍ଦୀର ଶିଳାଲେଖକୁ ନେଇ ଏହାର ପ୍ରାଚୀନତା ଜଣାପଡ଼େ।

୧୦୫୫ ଖ୍ରୀଷ୍ଟାବ୍ଦରେ ଖୋଦିତ ଉରୁକାମ ଶିଳାଲେଖ, ଶ୍ରୀଜଗନ୍ନାଥ ମନ୍ଦିରରେ ଥିବା ମାଦଳା ପାଞ୍ଜି ବ୍ୟତୀତ ପ*ସଖା ପୁରାଣ, କୋଇଲି ଚଉତିଶା, ଚଉପଦି ଆଦି ଓଡ଼ିଆ ସାହିତ୍ୟର ବିବିଧତା ପ୍ରକାଶ କରେ। ମଧ ଯୁଗରେ ରଚିତ ହେଲା ରତି ସାହିତ୍ୟ। ଏଥିରୁ ସ୍ପଷ୍ଟ ଅନୁମେୟ ଯେତେବେଳେ ଓଡ଼ିଆ ଭାଷା ସାହିତ୍ୟ ଏକ ନିର୍ଦ୍ଦିଷ୍ଟ ରୂପରେଖ ବହନ କଲା ସେତେବେଳେ ବଙ୍ଗଳା, ଅହମିୟା, ହିନ୍ଦୀ, ଗୁଜୁରାଟି ଆଦି ଭାଷାରେ ସେତେଟା ଉନ୍ମେଷ ଘଟିନଥିଲା।

କେନ୍ଦ୍ର ସରକାର ଶାସ୍ତ୍ରୀୟ ଭାଷା ପାଇଁ ବିଜ୍ଞପ୍ତି ପ୍ରକାଶ କଲା ପରେ ତାମିଲ ଭାଷା ୨୦୦୩ ମସିହାରେ ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇଲା। ୨୦୦୪ ମସିହାରେ ଓଡ଼ିଶା ସରକାର ଏଥିପାଇଁ ଆବେଦନ କଲେ। କିନ୍ତୁ କେନ୍ଦ୍ର ସରକାର ଓଡ଼ିଶାର ଦାବି ଶୁଣିଲେ ନାହିଁ । ୨୦୦୫ ମସିହାରେ ସଂସ୍କୃତକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରାଗଲା । ତା' ପର ବର୍ଷ ଅର୍ଥାତ୍ ୨୦୦୬ରେ ତେଲୁଗୁ ଓ କନ୍ନଡ଼ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଲା। ୨୦୧୩ରେ ମାଲାୟମ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଲା। ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା ଏବଂ ଏହି ଭାଷା ଅନ୍ୟ କୌଣସି ଭାଷାରୁ ଆସିନାହିଁ। ଏହ ଭାଷାର ଏକ ସ୍ୱତନ୍ତ୍ରତା ରହିଛି। ବହୁ ପୁରାତନ କାଳରୁ ଏହି ଭାଷା କଥିତ ଭାଷା ବ୍ୟବହାର କରାଯାଉଥିବାବେଳେ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ପରମ୍ପରା ରହିଛି ବୋଲି ଓଡ଼ିଶାର ଦାବିକୁ କେନ୍ଦ୍ର ସରକାର ଶୁଣିଲେ ନାହିଁ । ଫଳରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଓଡ଼ିଆ ସାହିତ୍ୟ ଏକାଡେମୀର ତତ୍କାଳୀନ ସଭାପତି ସାତକଡ଼ି ହୋତାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା। ଏହି କମିଟିରେ ବିଶିଷ୍ଟ ଭାଷାବିତ୍ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମିଶ୍ର, କ୍ଷୀନ ନାରାୟଣ ପାଢ଼ୀ, ସୁବ୍ରତ କୁମାର ପୃଷ୍ଟି, ଅମୀୟ ପଟ୍ଟନାୟକ, ବସନ୍ତ କୁମାର ପଣ୍ଡା, ରାଜକିଶୋର ମିଶ୍ର ଓ ଜିତେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ସଦସ୍ୟ ଭାବେ ରହିଲେ ।

କମିଟି ପକ୍ଷରୁ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କୁ ପ୍ରଦାନ କଲେ। ସେହିପରି ବେସରକାରୀ ଭାବେ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଦ୍ୱାରା ୫୪୫ ପୃଷ୍ଠା ସମ୍ବଳିତ ଅନ୍ୟ ଏକ ତଥ୍ୟଭିକ ରିପୋର୍ଟ ପ୍ରସ୍ତୁତ କରାଗଲା । ପ୍ରାବନ୍ଧିକ ଅମ୍ବିକା ପ୍ରସାଦ କାନୁନ୍‌ଗୋ ଉଲ୍ଲେଖ କରିଛନ୍ତି ଯେ, ସେହି ରିପୋର୍ଟକୁ ତତ୍କାଳୀନ କେନ୍ଦ୍ର ସାଂସ୍କୃତିକ ମନ୍ତ୍ରୀ କୁମାରୀ ଶୈଳଜାଙ୍କୁ ପ୍ରଦାନ କରାଯାଇଥିଲା। ୨୦୧୪ ମସିହା ମାର୍ଚ୍ଚ ୩୦ ତାରିଖରେ ରାଜ୍ୟସଭାରେ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରସଙ୍ଗ ଉଠାଇଥିଲେ। ଓଡ଼ିଆ ଭାଷା ସମ୍ପର୍କରେ ବିଶିଷ୍ଟ ଐତିହାସିକ, ଭାଷାବିତ୍, ଖୋଦିତ ଲିପି ଓ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ପ୍ରମାଣଯୋଗ୍ୟ ତଥ୍ୟକୁ ଆଧାରିତ କରି ରିପୋର୍ଟକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଭାଷା କମିଟିକୁ ୨୦୧୩ ଜୁଲାଇ ମାସରେ ପ୍ରଦାନ କରାଯାଇଥିଲା। ଭାଷା କମିଟି ଏହି ରିପୋର୍ଟକୁ ପରୀକ୍ଷା ନିରୀକ୍ଷା କରିବା ପରେ ଶେଷରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କଲେ। ସେହି ସୁପାରିଶକୁ ଭିକରି କେନ୍ଦ୍ର କ୍ୟାବିନେଟ୍ ୨୦୧୪ ମସିହା ଫେବୃଆରୀ ମାସ ୨୦ ତାରିଖରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ସ୍ୱୀକୃତି ପ୍ରଦାନ କଲେ। ସେହିବର୍ଷ ମାର୍ଚ୍ଚ ୧୧ ତାରିଖରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ସମ୍ପର୍କରେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କଲେ। ସେଥିପାଇଁ ଆମେ ଓଡ଼ିଶାରେ ମାର୍ଚ୍ଚ ୧୧ ତାରିଖରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ପାଳନ କରିଆସୁଛେ।

ଓଡ଼ିଆ ଭାଷା ଏକଦା ବହୁ ଅଞ୍ଚଳରେ ପ୍ରଚଳିତ ଥିଲା। ପ୍ରାଚୀନ ନୌବାଣିଜ୍ୟ କାଳରେ ଏହି ଭାଷାର ପ୍ରଭାବ ଶ୍ରୀଲଙ୍କା, ଇଣ୍ଡୋନେସିଆ ଆଦି ଅଞ୍ଚଳରେ ମଧ ପରିଲକ୍ଷିତ ହୋଇଥିଲା। ଶ୍ରୀଲଙ୍କାର ମୂଳ ଅଧିବାସୀ ସିଂହଳୀମାନେ ମୂଳତଃ ଓଡ଼ିଆ। ଅର୍ଥାତ୍ ସେମାନଙ୍କ ପୂର୍ବ ପୁରୁଷ ଓଡ଼ିଶାରୁ ଯାଇଥିଲେ। ସେ କଥାକୁ ମନେ ପକାଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଲେଖିଥିଲେ:-

ବହିତ୍ର ଲାଗିଲା ଯାଇ ସିଂହଳ ଦ୍ୱୀପରେ
ସାଧବ ଯୁବତୀଗଣ ଅତି ପ୍ରମାଦରେ
ଗଲେ ବହିତ୍ର ବନ୍ଦାଇ
ଅର୍ଘ୍ୟଥାଳିମାନ କରେ ହୁଳହୁଳି ଦେଇ।

ଇଣ୍ଡୋନେସିଆର ବାଲି ଦ୍ୱୀପର ଅଧିବାସୀମାନେ ଏବେ ମୁସଲମାନ ଧର୍ମାବଲମ୍ବୀ, ତଥାପି ସେଠାରେ ଓଡ଼ିଆ ସଂସ୍କୃତିର ଛାପ ରହି ଆସିଛି । ଉତ୍କଳ ସାମ୍ରାଜ୍ୟ ଆଜି ନାହିଁ। ଏହା କ୍ଷୁଦ୍ର ଓଡ଼ିଶାରେ ସୀମିତ ରହିଛି। ଓଡ଼ିଆ ଭାଷାଭାଷୀ ଅଞ୍ଚଳର ପରିସର ମଧ୍ୟ ସଂକୁଚିତ ହୋଇଯାଇଛି । ତଥାପି ଓଡ଼ିଶା ବାହାରେ ଥିବା ମେଦିନୀପୁର, ତମଲୁକ, ଘାଟଶିଳା, ମାନଭୂମି, ବୀରଭୂମି ଯାହା ପଶ୍ଚିମବଙ୍ଗରେ ଅଛି ସେଠାରେ କିଛି ମାତ୍ରାରେ ଓଡ଼ିଆ ଭାଷା ରହିଛି। ରାଜସୁନାଖଳା ନିକଟବର୍ତ୍ତୀ ରମାବିଲର ଗାୟକ ସମ୍ରାଟ ବିଶ୍ୱନାଥ ପଟ୍ଟଯୋଶୀ ମେଦିନୀପୁର ଅଞ୍ଚଳରେ ସତୁରୀ ବର୍ଷ ତଳେ ସେ ଅଞ୍ଚଳରେ ମାସ ମାସ ଧରି ଓଡ଼ିଆ ଓ ସଂସ୍କୃତ ପାଲା ପରିବେଷଣ କରି ପ୍ରଶଂସିତ ହୋଇଥିଲେ । ଝାଡ଼ଖଣ୍ଡର ଷଢ଼େଇକଳା, ଖରସୁଆ, ସିମଡେରା, ଗୁମଳା, ଖୁଣ୍ଟି, ସିଂହଭୂମି, ରାଞ୍ଚି ଅଞ୍ଚଳରେ କିଛି ଲୋକ ଘରେ ଓଡ଼ିଆରେ କଥାବାର୍ତ୍ତା କରନ୍ତି । ଛତିଶଗଡ଼ର ରାଇଗଡ଼, ସୁରୁଗୁଜା, ଶକ୍ତ, ଫୁଲଝର, ବିନ୍ଦ୍ରା ନୂଆଗଡ଼, ବସ୍ତର, ଜଗଦଳପୁର ଏକଦା ଖାଣ୍ଟି ଓଡ଼ିଆ ଅଞ୍ଚଳ ଥିଲା। ଏବେ ବି କେତେକ ଅଞ୍ଚଳରେ ଲୋକେ ଓଡ଼ିଆ ଓ ଦେଶିଆ ଭାଷାରେ କଥାବାର୍ତ୍ତା ହୁଅନ୍ତି। ସେହିଭଳି ଆନ୍ଧ୍ରର ଗୁରାଣ୍ଡି, ପର୍ଶୁରାମପୁର, ସିକାକୁଲମ୍, ମଞ୍ଜୁଷା, ବୁଢ଼ାରସିଂ, ବିଜୟନଗର ଜିଲ୍ଲାର ସାଲୁର, କୁରୁପଡ଼ା, ପାର୍ବତୀପୁର ଆଦି ବହୁ ଅଚଳରେ ଓଡ଼ିଆରେ କଥାବାର୍ତ୍ତା ହୁଏ।

ଆମ ଓଡ଼ିଆ ଭାଷାର ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଭାରତ ବର୍ଷ ତଥା ବିଶ୍ୱର ଅନ୍ୟାନ୍ୟ ଭାଷାରେ ଓଡ଼ିଆ ପୁସ୍ତକର ଅନୁବାଦ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଦାନ ବ୍ୟବସ୍ଥାର ଘୋଷଣା ସମୟ ଉପଯୋଗୀ ପଦକ୍ଷେପ। କବି ରବୀନ୍ଦ୍ରନାଥ ଠାକୁରଙ୍କ 'ଗୀତାଞ୍ଜଳି'ର ୫୦ଟି ପଦକୁ ଆଇରଲାଣ୍ଡର କବି ଇଟସ୍ ଇଂରାଜୀରେ ଅନୁବାଦ କରି ଲୋକଲୋଚନକୁ ଆଣିବାରୁ ସେ ସାହିତ୍ୟରେ ନୋବେଲ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହେଲେ। ତାଙ୍କର ବହୁ ପୂର୍ବରୁ ଉଚ୍ଚକୋଟୀର ସାହିତ୍ୟ ରଚନା କରିଥିବା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, କିମ୍ବା ଜୟଦେବଙ୍କ ରଚନା ଏଭଳି ଅନୁବାଦର ସୁଯୋଗ ପାଇଥାନ୍ତା ହୁଏତ ସେମାନେ ନୋବେଲ ପୁରସ୍କାର ପାଇ ପରିଥାନ୍ତେ ।

*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୯୨୩୭୦୮୯୫୦୯*

# ହେତୁବାଦ: ମିଛରେ କଳଙ୍କିତ

**ଅଧ୍ୟାପକ ଗୋପବନ୍ଧୁ**

ହେତୁ କହିଲେ ବୁଦ୍ଧିକୁ ବୁଝାଏ । ତେଣୁ ହେତୁବାଦକୁ ବୁଦ୍ଧିବାଦ ବୋଲି ମଧ କୁହାଯାଇ ପାରିବ । ମନୁଷ୍ୟର ବୁଦ୍ଧି-ବିବେକରୁ ନିସୃତ ହେଉଥିବା ସିଦ୍ଧାନ୍ତ ଓ ଏହି ପ୍ରକ୍ରିୟା ହେଉଛି ହେତୁବାଦ । ଯେଉଁମାନେ ଏହାକୁ ବିଶ୍ୱାସ କରନ୍ତି ସେମାନେ ହେଉଛନ୍ତି ହେତୁବାଦୀ । ହେତୁବାଦ ହେଉଛି ସମସ୍ତ ବିଷୟ ଉପରେ ଶୁଦ୍ଧ ବିଚାରର ସାମଗ୍ରିକ ଚେତନା । ସ୍ଥଳ ଭେଦରେ ଏହାକୁ ତର୍କବାଦ, ବୌଦ୍ଧିକବାଦ ଓ କାରଣବାଦ ବୋଲି ମଧ କୁହାଯାଏ । କାରଣବାଦ ବା କରଣିକତା ହେତୁବାଦର ଏକ ପ୍ରମୁଖ ବିଷୟ । ଏହା ବିନା ହେତୁବାଦ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ । କାରଣବାଦ କହିଲେ କାର୍ଯ୍ୟ-କାରଣ ନିୟମକୁ ବୁଝାଏ । ଏହା ଏକ ସର୍ବବ୍ୟାପୀ ନିୟମ ଅଟେ । ଏହି ନିୟମ ଉପରେ ବିଜ୍ଞାନ ପର୍ଯ୍ୟବେଶିତ । ବିଶ୍ୱବ୍ରହ୍ମାଣ୍ଡ ଏହି ନିୟମ ଦ୍ୱାରା ପରିଚାଳିତ ହୋଇ ଆସିଛି । ଏଥିରେ କୌଣସି ବ୍ୟତିକ୍ରମ ନାହିଁ ।

ଏହି ନିୟମ ଅନୁଯାୟୀ ପ୍ରଥମେ କାରଣ ସୃଷ୍ଟି ହୁଏ ଓ ଏହାପରେ କାର୍ଯ୍ୟ ବା ଘଟଣା ସଂଗଠିତ ହୁଏ । କୌଣସି କ୍ଷେତ୍ରରେ କାରଣ ବିନା କାର୍ଯ୍ୟ ସୃଷ୍ଟି ହେବା ସମ୍ଭବପର ନୁହେଁ । ଏହି କାର୍ଯ୍ୟ-କାରଣ ସମ୍ବନ୍ଧୀୟ ଜ୍ଞାନ ହେତୁବାଦର ମାର୍ଗଦର୍ଶକ । ବୁଦ୍ଧିର ପ୍ରମୁଖ ଆଧାର ହେଉଛି କାରଣିକତା । ସେହିମାନେ ହିଁ ବୁଦ୍ଧିମାନ ଯେଉଁମାନେ କାରଣିକତାର ସଠିକ ନିର୍ଣ୍ଣୟ କରିପାରନ୍ତି । ଏହା ଜ୍ଞାନର ସେହି ଉଚ୍ଚତର ସୋପାନ ଯାହା ପ୍ରକୃତ ସତ୍ୟ ନିକଟରେ ଉପନୀତ ହେବାରେ ସହାୟକ ହୁଏ । ଆଜିର ମନୁଷ୍ୟ ବହୁ ବିବର୍ତ୍ତନ ପ୍ରକ୍ରିୟା ଦେଇ ବର୍ତ୍ତମାନର ସ୍ଥିତିକୁ ଆସିଛି । କ୍ରମେ ତା'ର ବୁଦ୍ଧିମତ୍ତାର ବିକାଶ ଘଟିଛି । ଏହି ବିକାଶ ପଛରେ ରହିଛି କରଣିକତା ସମ୍ବନ୍ଧୀୟ ସଚେତନତା । ସେ ପ୍ରତ୍ୟେକ ଘଟଣାକୁ ଏକ ଆକସ୍ମିକ ବିଷୟଭାବେ ଗ୍ରହଣ କରିବାକୁ କୁଣ୍ଠାବୋଧ କରିଛି । ଘଟଣା ସଂଗଠିତ ହେବା ପଛର କାରଣ ଖୋଜିବାକୁ ଚେଷ୍ଟା କରିଛି । ଅନୁଭୂତି ତାକୁ ପ୍ରେରୀତ କରିଛି ଗ୍ରହଣ କରିବାକୁ ଯେ ପ୍ରତ୍ୟେକ କାର୍ଯ୍ୟ ବା ଘଟଣାର ଯାଥାଯଥ କାରଣ ରହିଛି । ବିନା କାରଣରେ କିଛି ଘଟେ ନାହିଁ । ଏହି ଅବଧାରଣା ମନୁଷ୍ୟର ମନରେ ହେତୁ ରୂପରେ ରୋପିତ ହୋଇଛି ।

ମାନବ ସଭ୍ୟତାର ବିକାଶ ଦିଗରେ ହେତୁବାଦର ଭୂମିକା ଅତୁଳନୀୟ । ବିଜ୍ଞାନ ବିନା ଆଧୁନିକ ସଭ୍ୟତାର ପରିକଳ୍ପନା କରାଯାଇ ପାରିବ ନାହିଁ । ପୁଣି ହେତୁବାଦ ବିନା ବିଜ୍ଞାନର ପରିକଳ୍ପନା କରାଯାଇ ପାରିବ ନାହିଁ । ଯେହେତୁ କାରଣିକତା ବିଜ୍ଞାନର କେନ୍ଦ୍ରୀୟ ବିଷୟ, ତେଣୁ ବିଜ୍ଞାନ ନିର୍ଣ୍ଣୟକରେ କାହାକୁ କାରଣ କୁହାଯିବ । କାରଣ ତାହା ଯାହା ନିକଟରେ କାର୍ଯ୍ୟ ସୃଷ୍ଟି କରିବାର କ୍ଷମତା ଥିବ । ଯେ କୌଣସି ବିଷୟକୁ କାରଣ ରୂପରେ ଗ୍ରହଣ କରାଯାଇ ପାରିବ ନାହିଁ । ନଦୀର ଉପର ମୁଣ୍ଡରେ ଜୋରରେ ବର୍ଷାହେବା ବା ଅନ୍ୟ କୌଣସି କାରଣରୁ ପ୍ରବଳ ଜଳ ପ୍ରବାହ ନଈ ବଢ଼ିର କାରଣ ହୋଇପାରିବ । କିନ୍ତୁ ଭୂମିକମ୍ପ, ଯୁଦ୍ଧ, କଳହ ପରି ଅସଂପୃକ୍ତ ଘଟଣା ନଈ ବଢ଼ିର କାରଣ ହୋଇପାରିବ ନାହିଁ । ବିଶ୍ୱର ପ୍ରତ୍ୟେକ ଘଟଣା କାର୍ଯ୍ୟ-କାରଣ ସମ୍ବନ୍ଧରେ ଆବଦ୍ଧ । କ୍ରମରେ ପ୍ରଥମେ କାରଣ ଆସେ ଓ ପରେ କାର୍ଯ୍ୟ ଆସେ । ଏହାହିଁ କାରଣବାଦ ।

ଅନ୍ୟପକ୍ଷରେ ଅନ୍ଧବିଶ୍ୱାସ ହେତୁବାଦର ସମ୍ପୂର୍ଣ୍ଣ ପରିପନ୍ଥୀ । ବିଶ୍ୱାସ ବିଜ୍ଞାନସିଦ୍ଧ ନୁହେଁ । ଏହା ସଠିକ ଜ୍ଞାନ ମଧ ନୁହେଁ । ଅନେକ ସମୟରେ ବିଶ୍ୱାସ ମିଥ୍ୟା ହୋଇଥାଏ । ଅତୀତରେ ଲୋକମାନେ ବିଶ୍ୱାସ କରୁଥିଲେ ପୃଥିବୀ ସ୍ଲେଟ୍ ଭଳିଆ ସମତଳ, କିନ୍ତୁ ପରେ ଏହା ଭୁଲ ବୋଲି ପ୍ରମାଣିତ ହେଲା । ଏହିପରି ଅନେକ ବିଶ୍ୱାସ ସମାଜରେ ଥିଲା ଯାହା ପରେ ମିଥ୍ୟା ବୋଲି ପ୍ରମାଣିତ ହୋଇଛି ଓ ପ୍ରତ୍ୟାଖିତ ହୋଇଛି । ବିଶ୍ୱାସ ଓ ଜ୍ଞାନ ମଧରେ ଅନେକ ପାର୍ଥକ୍ୟ ରହିଛି । ବିଶ୍ୱାସ ବ୍ୟକ୍ତି ସାପେକ୍ଷ । କୌଣସି ବିଷୟ ଉପରେ ଭିନ୍ନ ଭିନ୍ନ ବ୍ୟକ୍ତିର ବିଶ୍ୱାସ ଅଲଗା ଅଲଗା ହୋଇପାରେ । କିନ୍ତୁ ଜ୍ଞାନ ହେଉଛି ଗୋଟିଏ । ବିଷୟ ଭେଦରେ ଜ୍ଞାନ ଅନେକ ପ୍ରକାରର ହୋଇପାରେ । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ଜ୍ଞାନରେ ବିବିଧତା ନାହିଁ । ଜ୍ଞାନ ଗୋଟିଏ, ବିଶ୍ୱାସ ଅନେକ । ତେଣୁ ବିଶ୍ୱାସକୁ ଜ୍ଞାନ ବୋଲି କୁହାଯାଇ ପାରିବ ନାହିଁ । ଜ୍ଞାନରୁ ବିଜ୍ଞାନ । ବିଜ୍ଞାନ ହେଉଛି ଶୋଧିତ ଜ୍ଞାନ । ଏହା ନିର୍ଭୁଲ । ବିଶ୍ୱାସ ଓ ଅବିଶ୍ୱାସ ଉପରେ ବିଜ୍ଞାନ ନିର୍ଭର କରେନାହିଁ । ଏହା ପ୍ରମାଣ ଉପରେ ନିର୍ଭର କରେ। ତେଣୁ ପ୍ରମାଣ ରହିତ ବିଶ୍ୱାସ ହେଉଛି ଅନ୍ଧବିଶ୍ୱାସ । ସାଧାରଣ ଭାବେ ଯେଉଁ ଜ୍ଞାନ ବିଜ୍ଞାନସମ୍ମତ ନୁହେଁ, ଅର୍ଥାତ୍ କାର୍ଯ୍ୟ-କାରଣ ସମ୍ବନ୍ଧ ଦ୍ୱାରା ସ୍ୱୀକୃତ ନୁହେଁ ତାହାହିଁ ଅନ୍ଧବିଶ୍ୱାସ ।

ଆଦିମାନବ ସମ୍ପୂର୍ଣ୍ଣ ରୂପେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ଥିଲା । ତା' ମନରେ କ୍ରମେ ଜିଜ୍ଞାସାଭାବ ଜାଗ୍ରତ ହୋଇଛି । ନିଜସ୍ୱ ବିଶ୍ୱାସ ଉପରେ ସନ୍ଦେହ ଜାତ ହୋଇଛି । ପ୍ରତ୍ୟେକ ଜାଗତିକ ଘଟଣା ଯାହାକୁ ସେ ଦିନେ କୌଣସି ଅଦୃଶ୍ୟ ଶକ୍ତିର ଇଚ୍ଛା ବୋଲି ବିଶ୍ୱାସ କରୁଥିଲା, ତା' ଉପରେ ପ୍ରଶ୍ନ କରିବା ଆରମ୍ଭ କଲା । ଘଟଣା ପଛର କାରଣକୁ ସେ ଖୋଜିବାକୁ ଲଗିଲାଛ କ୍ରମେ ତା'ର ବୌଦ୍ଧିକତାର ବିକାଶ ହେଲା । ଅଭିଜ୍ଞତା ତାକୁ କାରଣିକତା ସମ୍ବନ୍ଧରେ ଅବଗତ କରାଇଲା । ସେ ଲକ୍ଷ୍ୟ କଲା ଗୋଟିଏ ଘଟଣା ଘଟିବା ପରେ ଅନ୍ୟ ଏକ ଘଟଣା ଘଟୁଛି । ପୂର୍ବ ଘଟଣା ଘଟିଲେ ପର ଘଟଣା ଘଟିବ ବୋଲି ତା'ର ଧାରଣା ଜାତ ହେଲା । ତେଣୁ ସେ ପ୍ରତ୍ୟେକ ଘଟଣା ପୂର୍ବର ଘଟଣା ସମ୍ବନ୍ଧରେ ଅବଗତ ହେବାକୁ ଚେଷ୍ଟା କଲା । ତା'ର ଏହି କରଣିକତା ସମ୍ବନ୍ଧୀୟ ଅନୁଧ୍ୟାନରୁ ଓ ଏଥିରୁ ମିଳୁଥିବା ଜ୍ଞାନରୁ ଜନ୍ମନେଲା ବିଜ୍ଞାନ । କାରଣବାଦର ଉଚ୍ଚତର ସୋପାନ ହେତୁବାଦ ଓ ହେତୁବାଦର ଉଚ୍ଚତର ସୋପାନ ବିଜ୍ଞାନ । ବିଜ୍ଞାନ କୌଣସି ଘଟଣାକୁ କାରଣ ରହିତ ବୋଲି ଗ୍ରହଣ କରେ ନାହିଁ । ଏହି ଅବଧାରଣା ଉପରେ ବିଜ୍ଞାନ ପର୍ଯ୍ୟବେଶିତ । କାରଣ ନଥାଇ କାର୍ଯ୍ୟ ସଂଗଠିତ ହେବାକୁ ଗ୍ରହଣ କରିନେଲେ ଏହା ଆଉ ବିଜ୍ଞାନ ହୋଇରହିବ ନାହିଁ । ରୋଗୀକୁ ଡାକ୍ତରଙ୍କ ପାଖକୁ ନେଲେ ପ୍ରଥମେ ସେ ଏହାର କାରଣ ଖୋଜୁଛି । ବିନା କାରଣରେ ରୋଗ ହୋଇଛି ବୋଲି ସେ ଗ୍ରହଣ କରୁନାହିଁ । କୌଣସିଠାରେ ବିମାନ ଦୁର୍ଘଟଣା ହେଲେ ବୈମାନିକମାନେ ଏହାର କାରଣ ଖୋଜୁଛନ୍ତି । ଏହା କୌଣସି ଅଦୃଶ୍ୟଶକ୍ତି ଯୋଗୁଁ ହୋଇଛି ବୋଲି ଗ୍ରହଣୀୟ ହେଉ ନାହିଁ । ପୋଲ ଧସିପଡିଲେ ଇଞ୍ଜିନିୟମାନେ କାରଣ ଖୋଜୁଛନ୍ତି । କୌଣସି କ୍ଷେତ୍ରରେ ଏହା କାରଣରହିତ ବୋଲି ମନ ଗ୍ରହଣ କରୁନାହିଁ ।

ହେତୁବାଦ କେବଳ ଏକ ବିଚାର ନୁହେଁଛ ଏହା ବିକାଶର ବାହକ ମଧ୍ୟ । ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ପ୍ରଗତି ହେତୁବାଦୀ ଚେତନାର ବିକାଶ ଯୋଗୁଁ ସମ୍ଭବପର ହୋଇଛି । ସେମାନେ ବିଜ୍ଞାନକୁ ଗୁରୁତ୍ୱ ଦେଇଛନ୍ତି । ଦୈନ୍ୟନ୍ଦିନ ଜୀବନରେ ଏହାକୁ ପ୍ରୟୋଗ କରିଛନ୍ତି । ବିଜ୍ଞାନକୁ ପାଠ୍ୟକ୍ରମ କିମ୍ବା ପୁସ୍ତକ ମଧରେ ସୀମିତ ରଖି ନାହାଁନ୍ତି । ବିଜ୍ଞାନରୁ ମିଳୁଥିବା ହେତୁବାଦୀ ଚେତନା ତାଙ୍କୁ ତାଙ୍କର ବ୍ୟକ୍ତିତ୍ୱର ବିକାଶ ଦିଗରେ ସହାୟକ ହୋଇଛି । ହେତୁବାଦୀ ସାମାଜିକ ଦୃଷ୍ଟିଭଙ୍ଗୀ ଅନେକଗୁଡ଼ିଏ ଅନାବଶ୍ୟକ କାର୍ଯ୍ୟକ୍ରମରୁ ତାଙ୍କୁ ନିବୃତ ରଖିଛି । ଅନ୍ଧବିଶ୍ୱାସରୁ ମୁକୁଳିବାରେ ସହାୟକ ହୋଇଛି । ଅନ୍ୟପକ୍ଷରେ ଯେଉଁ ରାଷ୍ଟ୍ରମାନଙ୍କରେ ଶିକ୍ଷାର ବିକାଶ ଠିକ୍ ଭାବରେ ହୋଇନାହିଁ ଓ ବିଜ୍ଞାନ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ ସେହି ରାଷ୍ଟ୍ରମାନଙ୍କରେ ଅନ୍ଧବିଶ୍ୱାସର ପ୍ରଭାବ ଅଧିକ ଓ ବିକାଶର ଦୌଡରେ ସେମାନେ ପଛରେ ପଡିଯାଇଛନ୍ତି ।

ସଭ୍ୟତା ବୌଦ୍ଧିକତା ଉପରେ ପ୍ରତିଷ୍ଠିତ ଏକ ପ୍ରକାର ଉନ୍ନତ ସମାଜ ବ୍ୟବସ୍ଥାକୁ ବୁଝାଏ । ହେତୁବାଦୀ ଚେତନାର ବିକାଶ ବିନା ଏହା ସମ୍ଭବ ନୁହେଁ । ଗୋଟିଏ ହେତୁବାଦୀ ସମାଜର ପ୍ରତିଷ୍ଠା ଦୀର୍ଘ ଶତାବ୍ଦୀର ବୌଦ୍ଧିକ ସଂଘର୍ଷର ପରିଣାମ ସ୍ୱତ୍ରରେ ମିଳେ । ପାଶ୍ଚାତ୍ୟ ବିକଶିତ ରାଷ୍ଟ୍ରମାନଙ୍କରେ ହେତୁବାଦର ଭିତ୍ତିଭୂମି ଆପେ ତିଆରି ହୋଇନାହିଁ । ଏଥିପାଇଁ ତାଙ୍କୁ ଦୀର୍ଘ ସଂର୍ଘଷ କରିବାକୁ ପଡିଛି । ବିଶେଷକରି ଇଉରୋପରେ ଏ ସଂର୍ଘଷ ରେନାଁସା ନାମରେ ସୁପ୍ରସିଦ୍ଧ । ଏହା ଏକ ବୌଦ୍ଧିକ ସଂଘର୍ଷ ଥିଲା । ହେତୁବାଦ ଓ ପରମ୍ପରାବାଦ ମଧରେ ସଂଘର୍ଷ, ବିଜ୍ଞାନ ଓ ଅନ୍ଧବିଶ୍ୱାସ ମଧରେ ସଂଘର୍ଷ, ମାନବବାଦ ଓ ଧାର୍ମିକ ମୌଳବାଦ ମଧରେ ସଂଘର୍ଷ, ସଂସ୍କାର ଓ କୁସଂସ୍କାର ମଧରେ ସଂଘର୍ଷ ତଥା ନୀରବତା ଓ ପ୍ରତିକ୍ରିୟାଶୀଳତା ମଧରେ ଏ ସଂଘର୍ଷ ଥିଲା । ଏ ସଂଘର୍ଷ ଥିଲା ଶାନ୍ତିପୂର୍ଣ୍ଣ ବିଚାରମନ୍ଥନ । ସଂର୍ଘଷ ଭିତରେବି ସହନଶୀଳତା ଥିଲା । କେବଳ ଭଲ ପିନ୍ଧିବା, ଭଲ ଖାଇବା, ଭଲ ଘରେ ରହିବା ସଭ୍ୟତା ନୁହେଁ । ଏହା ସହିତ ଆମ ଭିତରେ କେତେ ବୈଜ୍ଞାନିକ ଚେତନାର ବିକାଶ ଘଟିଛି, ଆମେ କେତେ ଅନ୍ଧବିଶ୍ୱାସକୁ ଛାଡ଼ି ହେତୁବାଦକୁ ସ୍ୱୀକାର କରିଛୁ ତାହା ମଧ୍ୟ ସଭ୍ୟତାର ମାନଦଣ୍ଡ ଅଟେ । ସଭ୍ୟତା ସେହି ମାନସିକ ସୃଜନା ଯାହା ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ । ବିକଶିତ ମାନସିକତା ତାକୁ ଶ୍ରେଷ୍ଠତା ପାଇଁ ପ୍ରେରୀତ କରେ । ଜଣେ ସଭ୍ୟ ମନୁଷ୍ୟ ହେତୁବାଦୀ ହେବାକୁ ବାଧ । ବିଜ୍ଞାନ ଉପରେ ଆସ୍ଥା ବିନା ସେ ଏହି ମାନ୍ୟତା ପାଇ ପାରିବ ନାହିଁ ।

ସଭ୍ୟତା ଏକ ପ୍ରବାହମାନ ପ୍ରକ୍ରୀୟା । ଏହା ଶ୍ରେଷ୍ଠରୁ ଶ୍ରେଷ୍ଠତମକୁ ଖୋଜେ । ଯାହା ଅନ୍ଧବିଶ୍ୱାସ, ଯାହା ଅହେତୁକ, ଯାହା କୁସଂସ୍କାର ତାକୁ ମନୁଷ୍ୟର ବୁଦ୍ଧିମତ୍ତା କିପରି ଶ୍ରେଷ୍ଠ ବୋଲି ମାନିନେବ । ମନୁଷ୍ୟର ବୌଦ୍ଧିକତାର ବିକାଶ ଯେତେ ହେବ ଏଗୁଡ଼ିକ ଉପରୁ ଆସ୍ଥା ସେତେ କମି କମି ଯିବ । ପରିବର୍ତ୍ତନ ଅବସମ୍ଭାବୀ । ରେନାଁସା ଆସିବହିଁ ଆସିବ । ତେବେ ସମାଜରେ ହେତୁବାଦୀ ଧାରଣା ଯେତେ ପ୍ରଖର ହେବ ପରିବର୍ତ୍ତନର କ୍ଷୀପ୍ରତା ସେତେ ଅଧିକ ହେବ । ତେଣୁ ହେତୁବାଦ ହେଉଛି ଏକ ଉନ୍ନତ ସମାଜ ପ୍ରତିଷ୍ଠାର ଆବଶ୍ୟକତା । ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସମୟରେ ହେତୁବାଦୀଙ୍କ ବିରିୟାନୀ ଖିଆକୁ ନେଇ ଏହାକୁ ଅଯଥା ବଦନାମ କରାନଯାଉ ।

*ବାରିପଦା, ମୟୂରଭଞ୍ଜ*
*ମୋ. ୭୦୦୮୯୭୬୧୮୦*

# ଅନୁପ୍ରବେଶକାରୀଙ୍କ ଘେରରେ ରାଷ୍ଟ୍ରୀୟ ଏକତା

**■ ଡ ମନୋଜ କୁମାର ମହାନ୍ତି ■**

ବିଶ୍ୱର କୋଣଅନୁକୋଣରେ ଯାଯାବର ବସତି ସ୍ଥାପନ କରି ଜୀବନଯାପନ କରୁଥିବା ମଣିଷ ମଧରେ ସଂଘବଧ ଜୀବନ ଜୀଇଁବାର ଇଚ୍ଛା ଜାତ ହୋଇଥଲା । କେଉଁଠି ଜଙ୍ଗଲରେ ତ, କେଉଁଠି ନଦୀକୂଳରେ ଐକ୍ୟବଦ୍ଧ ହୋଇ ସୁଖଦୁଃଖର ସହଭାଗୀ ରୂପେ ବଞ୍ଚିବାର ମୋହ ପରବର୍ତ୍ତୀ ସମୟରେ ସଭ୍ୟତା ଗଢିବାରେ ଆଗ୍ରହ ଦେଖାଇଲା । ସେଇ ସଭ୍ୟତା ପୁନଶ୍ଚ ଖଣ୍ଡବିଖଣ୍ଡିତ ହୋଇ ମୁଣ୍ଡଟେକିଲା ଛୋଟବଡ଼ ସ୍ୱାଧୀନ ରାଜ୍ୟରେ । ସେଇ ସ୍ୱାଧୀନ ରାଜ୍ୟରେ ସ୍ଥାପନ ହେଲା କିଛି ରାଜବଂଶର ଶାସନ । ନିଜ ଭୌଗଳିକ ପରିସୀମାର ବର୍ଦ୍ଧନ ସହ ବିଶ୍ୱକୁ ନିୟନ୍ତ୍ରଣ କରିବାର ଅଭିପ୍ସା ହିଁ ପ୍ରତ୍ୟେକ ସଭ୍ୟତାର ଧ୍ୱଂସର କାରଣ । ହିଂସା, ଘୃଣା, ଅରାଜକତା, ଈର୍ଷା ମଧରେ ଉପୁଜିଥିଲା ରାଜତନ୍ତ୍ରର ଅସ୍ଥିରତା । ରାଜତନ୍ତ୍ରର ଅସ୍ଥିରତାର ସୁଯୋଗ ନେଇ ସାଧାରଣ ଜନତା ନିଜନିଜ ମଧରେ ଷଡ଼ଯନ୍ତ୍ରରେ ଲିପ୍ତଥିବା ଭାରତୀୟମାନଙ୍କୁ ମୋଗଲ ଓ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ କରିବ ସେ କଥା କେବେ ପରିକଳ୍ପନା କରାଯାଇନଥିଲା । ଯେଉଁ ଭାରତକୁ ବାହ୍ୟ ଆକ୍ରମଣରୁ ରକ୍ଷାକରିବାପାଇଁ ପୂର୍ବସୂରିମାନେ ନିଜର ଜୀବନକୁ ବଳିଦାନ କରିବାକୁ ତିଳେମାତ୍ର ପଛଘୁଞ୍ଚା ଦେଇ ନଥିଲେ । ମୌର୍ଯ୍ୟ ବଂଶର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତଙ୍କ ଠାରୁ ଅଶୋକ ଏବଂ ସମୁଦ୍ରଗୁପ୍ତ ବାହ୍ୟଶତ୍ରୁ ସହ ଲଢି ଭାରତର ଏକତା ତଥା ଅଖଣ୍ଡତାକୁ ବଜାଇ ରଖିବାରେ ଶତ ପ୍ରତିଶତ ଚେଷ୍ଟା କରିଥଲେ । ଗୃହଶତ୍ରୁ ଜୟଚନ୍ଦ୍ର ଦ୍ୱାରା ପୃଥ୍ୱୀରାଜ ଚୌହାନକୁ ଘୋରୀ ଦ୍ୱାରା ହତ୍ୟା, ଦୌଲତ ଖାଁ ଲୋଧୀ ଦ୍ୱାରା କାବୁଲ ଶାସକ ବାବର୍, ଇବ୍ରହିମ୍ ଲୋଧୀକୁ ଦିଲ୍ଲୀ ଶାସନରୁ ବିତାଡିତ ଓ ଭାରତକୁ ବାବର ଅଧିନକୁ ହସ୍ତାନ୍ତର । ମେୱାଡର ରଣାସଂଘ, ମରାଠା ଛତ୍ରପତି ଶିବାଜୀଙ୍କ ସ୍ୱରାଜର ମନ୍ତ୍ର ଦେଶକୁ ଏକସୁତ୍ରରେ ବାନ୍ଧିଥିବାର ଅନେକ ଘଟଣା ଦେଖିବାକୁ ମିଳେ । ଏସବୁର ଉହାଡରେ ଲୁଚି ରହିଥିବା ଦେଶଦ୍ରୋହୀମାନେ ଦେଶକୁ ବିଭାଜନ କରିବାରେ ବ୍ୟସ୍ତ । ବିଶ୍ୱାସଘାତକ ମର୍ଜାଫର୍ ପାଇଁ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀର ଭାରତରେ ଶହେନବେ ବର୍ଷ ଶାସନ । କିଛି ଭାରତୀୟ ବିଶ୍ୱାସଘାତକ ସବୁ ସମୟରେ ଦେଶର ଏକତାକୁ ନଷ୍ଟ କରିବାରେ ଲାଗିଛନ୍ତି । ସବୁ ଘାତପ୍ରତିଘାତ ସତ୍ତ୍ୱେ ଭାରତ ସ୍ୱାଧୀନତାର ସ୍ୱାଦ ଅନୁଭବ କରି ରାଜତନ୍ତ୍ରକୁ ସବୁଦିନ ପାଇଁ ଭାରତରୁ ଲୋପକରି ଗଣତନ୍ତ୍ରର ସ୍ଥାପନପୂର୍ବକ ଭାରତର ଏକତା ବଜାଇ ରଖିବାରେ ମହତ୍ତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ସର୍ବସମ୍ମୁଖରେ ଉପସ୍ଥାପନ କରାଗଲା ।

ଦେଶର ଆଇନକାନୁନ୍, ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି, ବିଦେଶ ନୀତି, ପ୍ରତିରକ୍ଷା ସହ ଭାରତର ପ୍ରଭୂତା ଅଖଣ୍ଡତା ଓ ସର୍ବଭୌମତ୍ୱ ରକ୍ଷାକରିବା ହେଉଛି ଦେଶର ଶାସନକର୍ତ୍ତାଙ୍କ ମୁଖ୍ୟ ଦାୟିତ୍ୱ । ସବୁର ଊର୍ଦ୍ଧ୍ୱରେ ଦେଶର ଏକତା ଓ ସୁରକ୍ଷା । କାରଣ ଦେଶର ସୁରକ୍ଷା, ବିକାଶ ଓ ପ୍ରଗତି ସହ ସମ୍ପୂର୍ଣ୍ଣ ଜଡିତ । ଅର୍ଥନୈତିକ ଅଭିବୃଦ୍ଧି ହିଁ ରାଷ୍ଟ୍ରୀୟ ଏକତାର ପ୍ରତୀକ । ବିଶ୍ୱର ପ୍ରତ୍ୟେକ ପ୍ରଗତିଶୀଳ ଦେଶ ପଛରେ ତାର ସୁରକ୍ଷା ବୃହ୍ ଭୂମିକା ଥାଏ । ଶିଳ୍ପ, ଶିକ୍ଷା ବୈଷୟିକ କ୍ଷେତ୍ରରେ ସୁରକ୍ଷିତ ରହିଲେ ପୁଞ୍ଜିନିବେଶ ପ୍ରତି ଆଗ୍ରହ ପ୍ରକାଶ କରିବେ । ଇଉରୋପୀୟ ଦେଶସମୂହ ସୁରକ୍ଷା ଉପରେ ଯଥେଷ୍ଟ ଧ୍ୟାନ ଦିଅନ୍ତି କିନ୍ତୁ ଭାରତ କ୍ଷେତ୍ରରେ ତାହା ସମ୍ପୂର୍ଣ୍ଣ ବିପରୀତ । ଭାରତକୁ ନିଜର ବାସସ୍ଥଳୀ ଭାବେ ଅବୈଧ ଅନୁପ୍ରବେଶକାରୀମାନେ ଭାରତୀୟମାନଙ୍କ ସହଯୋଗରେ ଭୋଟର ପରିଚୟପତ୍ର ସହ ଭାରତର ନାଗରିକଭାବେ ନିଜକୁ ସ୍ୱୀକାର କରି ଭୋଟ ଦେବାର ଅଧିକାର ରହିଛି । ଭୋଟ ପରିଚୟ ଥିବା ବ୍ୟକ୍ତି ସ୍ୱାଭାବିକ ଭାବେ ଦେଶର ନାଗରିକ । ଦେଶର ନାଗରିକ ହିସାବରେ ସମ୍ବିଧାନର ସମସ୍ତ ଅଧିକାର ସହ ଭିନ୍ନଭିନ୍ନ ସମୟରେ ଧାରଣା, ପ୍ରତିବାଦ ଓ ପ୍ରତିହିଂସା ଭଳି କାର୍ଯ୍ୟରେ ଉପସ୍ଥିତି ଜାହିର କରି ଉଗ୍ର ହିଂସାତ୍ମକ କାଣ୍ଡରେ ଲିପ୍ତରହି ଧନଜୀବନକୁ ବିପର୍ଯ୍ୟସ୍ତ କରିବାସହ ଆତଙ୍କବାଦ ଭଳି କାର୍ଯ୍ୟ ଭିଆଇ ଚାଲିଛନ୍ତି । ବାହ୍ୟ ଅନୁପ୍ରବେଶକାରୀମାନଙ୍କ ପ୍ରବେଶ ରୋକିବା ସମ୍ଭବ ନୁହେଁ ।

ଭାରତର ବିଭିନ୍ନ ରାଜ୍ୟରେ ଅନୁପ୍ରବେଶକାରୀ ସ୍ଥାୟୀ ବାସିନ୍ଦାଭାବେ ବଂଶବିସ୍ତାର ସହ ଭାରତକୁ ନିଜର ବାସସ୍ଥାନ ଓ କର୍ମଭୂମୀଭାବେ ଗ୍ରହଣ କରିନେଇଛନ୍ତି । କିନ୍ତୁ ସେମାନଙ୍କ ନିକଟରେ ମାଟିର ମୋହ କମ୍ କିନ୍ତୁ ଭାରତକୁ କବଜା କରିବା ପାଇଁ କେଉଁ ପ୍ରାଚୀନ କାଳରୁ ପ୍ରୟାସ ଓ ଷଡ଼ଯନ୍ତ୍ର ଚାଲିଛି ତା'ର ସମସ୍ତ ଐତିହାସିକ ତଥ୍ୟ ଇତିହାସରେ ଲିପିବଦ୍ଧ । ସମସ୍ତଙ୍କର ସେଇ ଗୋଟେ ଲକ୍ଷ୍ୟ ଲୁଣ୍ଠନ, ସାମ୍ରାଜ୍ୟ ପ୍ରତିଷ୍ଠା, ବାଣିଜ୍ୟ ଆଧିପତ୍ୟ ସହ ଭାରତୀୟ ସଭ୍ୟତାସଂସ୍କୃତିକୁ ନଷ୍ଟଭ୍ରଷ୍ଟ କରି ଭାରତୀୟଙ୍କ ମଧରେ ଅରାଜକତା, ଭାରତରେ ଉଦ୍ଦେଶ୍ୟମୂଳକଭାବେ ଦମନ କରିବା ତଥା ଭାରତର ଅର୍ଥନୀତିକୁ ଧ୍ୱଂସବିଧ୍ୱଂସ କରି ଆତଙ୍କ ସୃଷ୍ଟି କରିବା ।

ସବୁ ଅରାଜକତା, ଆକ୍ରମଣ ଧମର୍ଘଟ ଅସହିଷ୍ଣୁତା ପଛରେ ଭାରତରେ ଲୁଚି ରହିଥିବା ବାହ୍ୟ ଓ ଆଭ୍ୟନ୍ତରୀଣ ଶତ୍ରୁମାନେ ବୃହତ ଭୂମିକା ଗ୍ରହଣ କରିଆସିଛନ୍ତି । ଭାରତର ସହିଷ୍ଣୁତା, ଦୟା ମଧରେ ସେମାନେ ସେମାନଙ୍କର କାର୍ଯ୍ୟ କରି ଚାଲିଛନ୍ତି । ଧର୍ମନିରପେକ୍ଷତାର ଦ୍ୱାହିଦେଇ ଭାରତରେ ଯାହା ସବୁ ଘଟେଇ ଚାଲିଛନ୍ତି ତାହା ଜଳଜଳ ହୋଇ ଦିଶୁଛି । ଭାରତର ପଡୋଶୀ ରାଷ୍ଟ୍ର ସହ ଆଉ କିଛି ଆର୍ଥିକ ଶସକ୍ତରାଷ୍ଟ୍ର ଭାରତୀୟମାନଙ୍କର ଏକତାକୁ ସଦାସର୍ବଦା ନଷ୍ଟ କରିବାକୁ ପ୍ରାୟାସ କରିଛନ୍ତି । ଏସିଆର ଭୁସ୍ୱର୍ଗ କହୁଥିବା କାଶ୍ମୀର ଉପତ୍ୟକାରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ କେତେଯେ ରକ୍ତର ହୋଲି ଖେଳୁଛି ତାର ହିସାବ ନାହିଁ । କେତେବେଳେ କାଶ୍ମୀରବାସୀ ତ କେତେବେଳେ କାଶ୍ମୀର ହିନ୍ଦୁ । ଦେଶବିଦେଶର ଆସୁଥିବା ପର୍ଯ୍ୟଟକ ପୁଣି କେବେ ସାମରିକ ବିଭାଗର କର୍ମଚାରୀ । କାଶ୍ମୀର କିଛି ଯୁବକ ମଧ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡିତ ଅଛନ୍ତି ସମୟେ ସମୟେ ସେମାନଙ୍କର ଚେହେରା ପଦାକୁ ଆସୁଛି । ବିଚ୍ଛିନ୍ନତାବାଦର ମାନସିକତା ମଧ ସେମାନଙ୍କୁ ଦେଶଦ୍ରୋହ କାର୍ଯ୍ୟରେ ଲିପ୍ତକରୁଛିନ୍ତି । ଅନେକ ଅନୁପ୍ରବେଶକାରୀ ଯୁବକଯୁବତୀ ଭାରତରେ ରହି ଭାରତର ଶାନ୍ତିଶୃଙ୍ଖଳା ଭଙ୍ଗସହ ଆତଙ୍କ କାର୍ଯ୍ୟକଳାପକୁ ରୂପଦେବାର ଲାଗିଛନ୍ତି । ପ୍ରାୟ ଏକଚାଳିଶ ଦେଶର ଅନୁପ୍ରେବେଶକାରୀ ଭାରତ ମଧରେ ପ୍ରବେଶପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ସୀମା ସୁରକ୍ଷାବାହିନୀ ସତ୍ତ୍ୱେ ସେମାନେ କିପରି ଭାରତରେ ପ୍ରବେଶ କରୁଛନ୍ତି ତାହା ଏକ ବୃହତ ପ୍ରଶ୍ନ । ଭାରତର ସୀମାରେ ସୁରକ୍ଷା ସହ ଅଭ୍ୟନ୍ତରୀଣ ସୁରକ୍ଷାକୁ କଡ଼ାକଡି ଧ୍ୟାନ ଦେବାର ଏହା ଏକ ଘଡିସନ୍ଧୀ ସମୟ । ଭାରତର ସୁରକ୍ଷା ହେଉଛି ଆମର ଏକତା । ଏହାର କାଣିଚାଏ ଅବହେଳାର ପରିଣାମ ଭାରତର ଜନସାଧାରଣଙ୍କୁ ଭୋଗିବାକୁ ଆଗମୀ ଦିନରେ ଯେମିତି ନ ପଡେ ସେ ପ୍ରତି ଆମର ଧ୍ୟାନ ରହୁ । ବ୍ୟକ୍ତିଗତ ସ୍ୱାର୍ଥର ଊର୍ଦ୍ଧ୍ୱରେ ରାଷ୍ଟ୍ରୀୟ ଏକତା । ରାଷ୍ଟ୍ର ହିଁ ସର୍ବୋପରି । ଏ ଦେଶକୁ, ମହାନ ସଭ୍ୟତାକୁ, ସଂସ୍କୃତି ତଥା ଗରୀମାକୁ କେବେ ନଷ୍ଟ ହେବାକୁ ଦେବାନି । କାରଣ ଦେଶର ଏକତାରେ ଆମ୍ ସଭିଙ୍କର ଅସ୍ତିତ୍ୱ ଲୁଚି ରହିଛି । ଏ ଦେଶର ଏକତା ଅକ୍ଷୁଣ୍ଣ ସହ କାଳଜୟୀ ହେଉ । ଜାତି ଓ ସମ୍ପ୍ରଦାୟ ମଧରେ ଦୀର୍ଘଦିନ ଧରି ଚାଲିଥିବା ଲଢେଇର ଅନ୍ତସହ ପ୍ରେମ ଓ ସହଯୋଗର ଦୃଢ଼ ଇଚ୍ଛାଶକ୍ତି ହି ଆମକୁ ଏକ ସୂତ୍ରରେ ବାନ୍ଧି ରଖିପାରିବ ।

*ମୋ: ୮୮୯୫୩୪୧୦୩୩*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




## ମାଣବସା ଗୁରୁବାର

# 'ନାରୀ ଜାଗରଣ' ତଥା 'ଅସ୍ପୃଶ୍ୟତା ନିବାରଣ'





**ସାଧାରଣତଃ ମାର୍ଗଶୀର ମାସଟି 'ମୃଗଶୀରା' ନକ୍ଷତ୍ରାନୁସାରେ ନାମିତ ହୋଇଛି। ଏହି ମାସରେ ପ୍ରଥମାଷ୍ଟମୀ, ଓଢ଼ଣ ଷଷ୍ଠୀ, କାଞ୍ଜିଅଁଳା ନବମୀ ଏବଂ ମାଣବସା ଗୁରୁବାର ପଡ଼େ। ମାଣବସା ଗୁରୁବାରେ 'ମହାଲକ୍ଷ୍ମୀ ପୂଜା' ହୁଏ। କୁହାଯାଏ ଯେ ବାରମାସ ମଧ୍ୟରେ ମାର୍ଗଶୀର ଶ୍ରେଷ୍ଠ ଅଟେ : ମାସାନାଂ ମାର୍ଗଶୀର୍ଷୋହଂ ।**

ଗୁରୁବାରଦିନ ମହାଲକ୍ଷ୍ମୀ ବ୍ରତ ସାଧାରଣତଃ ମାର୍ଗଶୀର, ମାଘ, ବୈଶାଖ ଏବଂ ଆଷାଢ଼ ମାସରେ ପାଳନ କରାଯାଏ । କିନ୍ତୁ ମାଣବସା ଗୁରୁବାର କହିଲେ, ମାର୍ଗଶୀର ମାସର ଶେଷ ଗୁରୁବାର ଅର୍ଥାତ୍ ପୂର୍ଣ୍ଣମୀ ପୂର୍ବ ଗୁରୁବାରକୁ ବୁଝାଏ । ଏହା ଧାନ ଅମଳବେଳ । ଗୁରୁବାର ପୂର୍ବ ଦିନ ଅର୍ଥାତ୍ ବୁଧବାର ରାତିରୁ ଗୃହିଣୀମାନେ ଅରୁଆ ଚାଉଳ ପିଠଉର ଚିତ୍ତାରେ ଦାଣ୍ଡ ଦୁଆର ମୁହଁରୁ ମାଣପୂଜା ଘରଯାଏଁ ଲକ୍ଷ୍ମୀଙ୍କର ଆଗମନ ସୂଚକ ଚିତା ପକାନ୍ତି । ଏ ଚିତା ଲକ୍ଷ୍ମୀଙ୍କ ପାଦର ଚିହ୍ନ । ଘରଦ୍ୱାର, ବରଣ୍ଡା, ଅଗଣା ଏବଂ ବାରି କଳେଇ



ଗଦାଯାଏଁ ଗୋବରରେ ଲିପାଯାଏ । ଏଥିରେ ଧାନଶିଷାର ଚିତା ପକାଯାଏ । ଏଥିରେ ଅନ୍ୟ ଚିତା ପଡ଼େ ନାହିଁ । ଏହି ସମୟରେ ଗାଁ ଦାଣ୍ଡରେ କଳେଇ ବୁହାଯାଇ ଖଳାକୁ ଅଣାଯାଏ । ଏହାକୁ ଲକ୍ଷ୍ମୀଙ୍କର ବିଜେ ବୋଲି ସ୍ୱାଗତ କରି ଦାଣ୍ଡରେ ତାଙ୍କ ପୂଜା କରାଯାଏ । ଏହାକୁ ଦାଣ୍ଡ ପହଁରା ଓଷା କହନ୍ତି ।

ଶେଷ ଗୁରୁବାରଟି ସ୍ୱତନ୍ତ୍ର । ଏହିଦିନ ମାଣପୂଜା ଅର୍ଥାତ୍ ଲକ୍ଷ୍ମୀପୂଜା କରାଯାଏ । ପୂର୍ବବତ୍ ସେହିଦିନ ସକାଳୁ ଗୃହ ଏବଂ ଅଗଣା ଇତ୍ୟାଦି ଗୋବରରେ ଲିପାଯାଏ । ସବୁଆଡ଼ ଅର୍ଥାତ୍ ପରିବେଶର ଶୁଦ୍ଧି ଏବଂ ପବିତ୍ରତା ରଖାଯାଏ। ନୂଆ ବେତ ଟୋକେଇ ଓ ଗୌଣିରେ ଶୁକ୍ଳଧାନ ପୂର୍ଣ୍ଣ କରାଯାଏ । ଶୁକ୍ଳଧାନର ମେଣ୍ଟାକୁ ବେଣୀଦ୍ୱାରା ମଣ୍ଡିତ କରି ଖଟୁଲି ଥାପେ, ଛୋଟ ମାଣରେ ବିରି ଭରି ରଖେ, ଓଡ଼ିଆ ହିନ୍ଦୁ ଗୃହିଣୀ । ଛିଟକନାରେ ଖଟୁଲିକୁ ବୋହୂ ରୂପରେ ଘୋଡ଼ାଇ ଦିଏ । ଏକ ସୁନାର ଅଳଙ୍କାରକୁ ଲକ୍ଷ୍ମୀ ମନେକରି ସେ ଖଟୁଲିକୁ ପିନ୍ଧାଇ ଦିଏ । ଡାଳଲଗା ଅଁଳା, କୋଳି ଲଗା କଣ୍ଟେଇ କୋଳି ଡାଳ, ମୂଳାଗଛ, ଆଖୁ ଗଣ୍ଠିରା, ସୋରିଷ ଫୁଲ ଓ ଗେଣ୍ଡୁଫୁଲ ଦେଇ ମାଣକୁ ସଜାଏ, ସିନ୍ଦୁର ଓ ଚନ୍ଦନ ତହିଁରେ ଲଗାଏ, ଧୂପ ଦୀପରେ ବନ୍ଦନା କରେ । ଛେନା, ଗୁଡ଼, ମଣ୍ଡାପିଠା, କାକରା, ବିରିବରା, ବିରି ଲଡୁ, ଖିରୀ ଓ ଚକୁଳି ପିଠା ଦେଇ ଭୋଗ କରେ । ଏହାପରେ ପରିବାରର ସମସ୍ତ ସଦସ୍ୟ ଲକ୍ଷ୍ମୀଙ୍କୁ ମୁଣ୍ଡିଆମରି ପ୍ରସାଦ ପାଆନ୍ତି । ଏ ଭୋଗ ପଡୋଶୀ ବା ବିବାହିତ ଝିଅମାନେ ପାଆନ୍ତି ନାହିଁ । ଏ ଭୋଗକୁ ଲାଗି କହନ୍ତି ।

ଏହି ପୂଜାରେ ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀପୁରାଣ' ପଢ଼ାଯାଏ । ସଂଧ୍ୟାରେ ଧୂପ ଓ ଦୀପ ଦେଇ ମା'ଙ୍କର ପୂଜା କରାଯାଏ । ମାଣଧାନକୁ ତୋଳି ମାଣ ବଣାରେ ରଖାଯାଏ । ମାଣ ପାହିଲି, ଖଟୁଲି ଓ ଛିଟକନା ଏକତ୍ର ରଖାଯାଏ। କେହି କେହି ସେହି ଦିନ ବସାଇ ମାଣ ଉଜାଇଁ ଦିଅନ୍ତି ଆଉ କେହି ମାଘ ମାସ ଶେଷଗୁରୁବାରେ ଉଜାନ୍ତି । କେହିବି ମାର୍ଗଶୀର ଶେଷ ପାଳିରେ ମାଣ ବସାଇ ପୌଷର ପ୍ରଥମ ଗୁରୁବାରେ ଉଜାନ୍ତି। ଉଜୁଆଁ ଧାନକୁ ଚାଉଳକରି ଖିରି କରାଯାଏ । ଏହା ପରିବାର ସଦସ୍ୟଙ୍କ ଛଡ଼ା ଅନ୍ୟ କେହି ପାଆନ୍ତି ନାହିଁ । ଲକ୍ଷ୍ମୀପୂଜା ଓଡ଼ିଶାର ଏକ କୃଷି ସଂପର୍କିତ ପୂଜା। ଏଣୁ ଧାନ ଅମଳବେଳେ ପ୍ରଥମେ ମାଣଧାନକୁ ପୂଜା କରାଯାଏ । ମାଣବସା ଗୁରୁବାର ନେଇ ରାଧାମୋହନ ଗଡ଼ନାୟକ କୁହନ୍ତି :

ଖଳାରେ ଖଳାରେ କଳେଇ
ଗଦାର ସୁଷମା
ସକଳ ନୟନେ ଦିଶୁଛି
ଅତୁଳା ଅସମା ।
ପିଠଉର ଝୋଟ ମେଳି
ପାଖେ ଲେଖି ସରସେ
ପଲ୍ଲୀ ଘରଣୀ ଲକ୍ଷ୍ମୀ
ପୂଜଇ ହରଷେ ।
ସ୍ୱାଗତ ଲକ୍ଷ୍ମୀ ପୌଷ
ଘରେ ଘରେ ତୁମେ
ଆଣିଛ ଅନ୍ନ, ଆୟୁଷ ।
: ସ୍ୱାଗତ ଲକ୍ଷ୍ମୀ ପଉସ






ମାଣବସା ଓଡ଼ିଶାରୁ ଉତ୍ପତ୍ତି । ଓଡ଼ିଶାରେ ତା'ର ପୂଜା । ବିଶ୍ୱାସ ଏହା ସାଧବ ପରିବାରରୁ ଉତ୍ପତ୍ତି ନେଇଛି । କିମ୍ବଦନ୍ତୀରୁ ମିଳେଯେ, କଳିଙ୍ଗର ଏକ ନଗରରେ ଚିତ୍ରକେତୁ ନାମକ ଏକ ଧନୀ ସାଧବ ଥିଲେ । ତାଙ୍କର ଶ୍ୟାମାନାମ୍ନୀ ଏକ କନ୍ୟା ପ୍ରଥମେ ମାଣବସା ବ୍ରତ କରି ଲକ୍ଷ୍ମୀଙ୍କୁ ପୂଜା କରିଥିଲେ ।

ଭକ୍ତକବି ବଳରାମ ଦାସ ମହାପ୍ରଭୁ ଜଗନ୍ନାଥଙ୍କର ଚରିତ୍ର ଓ ଚରିତ ବର୍ଣ୍ଣନାକରି ଏହି ଲକ୍ଷ୍ମୀପୁରାଣ ନାମକ ଅଭିନବ ଗ୍ରନ୍ଥ ରଚନା କରିଛନ୍ତି । ଏହା ସମାଜରେ ପ୍ରଚଳିତ ଦୁଇଟି ଘୃଣ୍ୟ ଏବଂ ନିନ୍ଦନୀୟ ପ୍ରଥା : ନାରୀ ଦୁର୍ଦ୍ଦଶା ଏବଂ ଛୁଆଁ, ଅଛୁଆଁ ବିରୋଧରେ ଏକ ସଂଗ୍ରାମ ନିମନ୍ତେ ଅଭିଯାନ । ନାରୀକୁ ସମ୍ମାନ ଦିଅ, ସମାଜରୁ ଛୁଆଁ ଅଛୁଆଁର ଜାତିଭେଦ ଉଠାଅ । ଏହାହିଁ ଏହାର ସ୍ଲୋଗାନ। ଏହାକୁ ଆଧାର କରି ଲକ୍ଷ୍ମୀପୂରାଣର କାହାଣୀଟି ବର୍ଣ୍ଣିତ ହୋଇଛି ।

ମାଣବସା ଗୁରୁବାର ଦିନ ମା' ଲକ୍ଷ୍ମୀ ପ୍ରାତଃ କାଳରୁ ମନ୍ଦିର ଛାଡ଼ି ନଗର ମଧ୍ୟରେ ପହଞ୍ଚିଛନ୍ତି । ସେ ପ୍ରତିଘର ବୁଲି ତାଙ୍କ ପୂଜା ଦେଖୁଛନ୍ତି । ଶେଷରେ ସେ ଶ୍ରୀୟା ଚଣ୍ଡାଳୁଣୀର ପୂଜା ଓ ଭକ୍ତିରେ ପ୍ରୀତ ହୋଇ ତାକୁ ବର ଯାଚିଛନ୍ତି । ଏହି ସମୟରେ ବଳରାମ ଓ ପ୍ରଭୁ ଜଗନ୍ନାଥ ମୃଗୟାରୁ ସେହି ପଥଦେଇ ଫେରିଲାବେଳେ ତାଙ୍କୁ ଦେଖିଥିଲେ । ଏଣୁ ମନ୍ଦିର ବାହୁଡ଼ନ୍ତେ ବଳରାମ ଜଗନ୍ନାଥଙ୍କୁ କହିଲେ, ଲକ୍ଷ୍ମୀ ଅଛବ ଘରେ ବିଜେ କରିଥିଲା । ସେ ଜାତି ଅଜାତି ନମାନି ଯେଣେ ତେଣେ ପଶିଯାଉଛି ଏବଂ ଏପଟେ ଆସି ଶ୍ରୀ ମନ୍ଦିରକୁ ମଙ୍ଗୁଳି ଚାଲିଛି। ଲକ୍ଷ୍ମୀଙ୍କୁ କ୍ଷମା ନାହିଁ । ତାକୁ ମନ୍ଦିର ପ୍ରବେଶ ନିଷେଧ କର । ଜଗନ୍ନାଥ ସେହି କଥା ଲକ୍ଷ୍ମୀଙ୍କୁ ଶୁଣାଇଦେଲେ। ଲକ୍ଷ୍ମୀ ଏନେଇ ଜଗନ୍ନାଥ ଓ ବଳରାମଙ୍କ ସହିତ ତାଙ୍କ



ପୂର୍ବ ଜନ୍ମର ଚରିତକୁ ବାଖ୍ୟାକରି ଜାତିଅଜାତିର ସଂଜ୍ଞା ବୁଝାଇଦେଲେ । ପୁନଶ୍ଚ ଅନୁନୟ ଓ ବିନୟ କଲେ । ତଥାପି ତାଙ୍କ ଯୁକ୍ତିକୁ ଗ୍ରହଣ କରାଗଲା ନାହିଁ । ତାଙ୍କୁ ମନ୍ଦିରରୁ ବିଦାକୀ କରାଗଲା । ଏଣୁ ଲକ୍ଷ୍ମୀ ଅଭିଶାପ ଦେଲେ :

ଯେବେ ଚନ୍ଦ୍ର ସୂର୍ଯ୍ୟ
ହୁଅନ୍ତି ଆତଯାତ,
ବୁଲିବୁଲି ମୁଠେ ତୁମେ
ନପାଇବ ଭାତ ।
ଭିକ ମାଗିଲେ ତୁମ୍ଭଙ୍କୁ ଭିକ ନମିଳିବ
ରଙ୍କପରି ବୁଲିବୁଲି ଦରିଦ୍ର ହୋଇବ ।
ମୁଁ ଚଣ୍ଡାଲୁଣି ଯେବେ
ତୋଳି ଦେବି ଭାତ
ତେବେ ସେ ଭୁଞ୍ଜିବ ହେ,
ତ୍ରୈଲୋକର ନାଥ ।

ଏହି ପଂକ୍ତିଗୁଡ଼ିକରେ ମହାଲକ୍ଷ୍ମୀଙ୍କର ଅନ୍ତରାଳରେ ଉତ୍କଳୀୟ ନାରୀର ମନୋଭାବନା ଫୁଟାଇ କବି ବଳରାମ ଦାସ, ତତ୍କାଳୀନ ସମାଜର ଏକ ବିଦ୍ରୋହ ବହ୍ନିର ପ୍ରଜ୍ୱଳନ କରିଛନ୍ତି। ଏହାପରେ ମହାଲକ୍ଷ୍ମୀ ବିଶ୍ୱକର୍ମାଙ୍କୁ ନିର୍ଦ୍ଦେଶ ଦେଇ ଏକ ସ୍ୱତନ୍ତ୍ର ସୁରମ୍ୟ ନଗର ସମୁଦ୍ର କୂଳରେ ପ୍ରତିଷ୍ଠା କରି ରହିଛନ୍ତି । ବେତାଳମାନଙ୍କୁ ନିର୍ଦ୍ଦେଶ ଦେଇ ଶ୍ରୀମନ୍ଦିରକୁ ଶୂନ୍ୟ କରିଦେଇଛନ୍ତି । ଦୁଇ ଭାଇ ଲକ୍ଷ୍ମୀଛଡ଼ା ହୁଅନ୍ତେ, ଦାସଦାସୀ, ପଣ୍ଡା, ପଢ଼ିହାରୀ ଏବଂ ଅନ୍ୟମାନେ ପ୍ରଭୁଙ୍କର ସେବା ବନ୍ଦ କରିଦେଲେ । ଶେଷକୁ ବଳରାମ ଓ ଜଗନ୍ନାଥ ପଥର ଭିକାରୀ ପାଲଟିଗଲେ । ଅନ୍ନଜଳ କିଛି ମିଳିଲା ନାହିଁ । ପାଇବା ପଦାର୍ଥ ଉଭାନ ହେଲା । ପରିଶେଷରେ ଭୋକିଲା ଦୁଇଭାଇ ଲକ୍ଷ୍ମୀଙ୍କ ନଗରରେ ପହଞ୍ଚିଲେ । ତଥାପି ଜାତିର ଘୃଣ୍ୟମନ୍ୟତା ମନରୁ ଯାଇନାହିଁ । ରୋଷେଇ କରି ଖାଇବେ ବୋଲି କହିଲେ। ତାଙ୍କୁ ସବୁ ଯୋଗାଇ ଦିଆଗଲା ଅଥଚ ଚୁଲି ଜଳିଲା ନାହିଁ । ଏବେ ପାଟିରୁ ଫିଟିଲା : ଜାତି ପଛେ ଯାଉ ତା'ର ଘରେ ଖାଉ ଭାତ ।

ଏଥର ଲକ୍ଷ୍ମୀ ନିଜେ ତାଙ୍କୁ ଅଭ୍ୟର୍ଥନା କଲେ । ସେମାନଙ୍କର ଚିହ୍ନା ପରିଚୟ ହେଲା। ଦୁଇଭାଇ ତାଙ୍କୁ ମନ୍ଦିରକୁ ଫେରିବାକୁ ଅନୁରୋଧ କଲେ । ମନ୍ଦିରରୁ ଜାତି ଅଜାତି ଭେଦଭାବ ଉଠାଇ ଦେବାର ପ୍ରତିଶ୍ରୁତି ଜଗନ୍ନାଥ ଦେବା ପରେ ଲକ୍ଷ୍ମୀ ମନ୍ଦିରକୁ ଫେରିଥିଲେ ।

ତେବେ ଏତିକି ନୁହେଁ, ଶ୍ରୀମନ୍ଦିରରୁ ଛୁଆଁ, ଅଛୁଆଁ ଦୂର କରିବା ସଂଗେ ସଂଗେ ସମାଜର ଗୃହିଣୀମାନଙ୍କ ମଧ୍ୟରେ ଆଶ୍ୱାସନା ବାଣୀ ଶୁଣାଇବା ଥିଲା ବଳରାମ ଦାସଙ୍କ ଉଦ୍ଦେଶ୍ୟ । 'ନାରୀ ଜାଗରଣ' ତଥା 'ଅସ୍ପୃଶ୍ୟତା ନିବାରଣ' ଏ ଦୁଇଟି ବିଷୟରେ ଆମେ ଗୁରୁତ୍ୱ ଦେଉଥିବା ବେଳେ, ଓଡ଼ିଶାର ଗଣକବି ବଳରାମ ଦାସ ଆଜକୁ ଦୀର୍ଘ ୪୦୦ବର୍ଷ ପୂର୍ବରୁ ଏ ସଂପର୍କରେ ପୁସ୍ତକ ରଚନା କରି ସଂଗ୍ରାମ କରିବା ସହ ଜନଜାଗରଣ ଏବଂ ସାମାଜିକ ଚେତନା ସୃଷ୍ଟି କରିପାରିଥିଲେ । ତେବେ ଦୁଃଖ ଯେ ସାଂପ୍ରତିକ ରାଜନୀତିରେ ଏ ଜାତି ରାଜନୀତି ଖୁବ୍ ଜୋରଦାର୍ । ଏଠି ଆଉ ଜାତିଭେଦ ଦୂର ହେବ କିପରି? ଏବେ ଜାତିକୁ ଯିଏ ଯୋଉ ସ୍ତରରେ ଅଛି ସେହି ସ୍ତରରେ ରଖି, ସଂରକ୍ଷଣ ନାଁରେ ଭୋଟ ମଗାଚାଲିଛି ।

ଏ ଦୃଷ୍ଟିରୁ ବିଚାରକଲେ ଲକ୍ଷ୍ମୀପୂଜା ଏବଂ ଲକ୍ଷ୍ମୀ ପୁରାଣର ମାନେ କିଛି ନାହିଁ । ତେବେ ଯାହାହେଉ, ଶ୍ରୀଜଗନ୍ନାଥଙ୍କ ସାହିତ୍ୟ ଭଣ୍ଡାରରେ 'ଲକ୍ଷ୍ମୀପୁରାଣ'ଟି ବଳରାମ ଦାସଙ୍କର ଏକ ମହାର୍ଘ୍ୟ ରତ୍ନ । ଏ ରତ୍ନକୁ ଠିକ୍ ବୁଝିପାରିଲେ ବୋଧହୁଏ ଆମ୍ଭମାନଙ୍କ ମରେ ଥିବା ପାରସ୍ପରିକ ଦୂରତ୍ୱ ଅପସରି ଯିବ ।


**ବିପିନ ବିହାରୀ ମହାନ୍ତି**
**ମୋ : ୯୯୩୮୩୪୪୧୩**














# ଲକ୍ଷ୍ମୀପୁରାଣ: ଜାତିପ୍ରଥା ବିରୋଧରେ ଆଦ୍ୟ ସ୍ୱର

ମାର୍ଗଶୀର ମାସର ମାଣବସା ଓଡିଆ ଚଳଣିର ଏକ ଗୁରୁତ୍ୱପୂର୍ଣ ଅଂଶ ବିଶେଷ । ପ୍ରତ୍ୟେକ ଓଡିଆ ଘରେ ଖୁବ ନିଷ୍ଠା ଓ ଭକ୍ତି ଭାବର ସହ ପାଳିତ ହୁଏ ଏହି ପର୍ବ । ଯେଉଁ ଘରେ ମାଣବସା ବ୍ରତ ରିତୀନୀତି ଅନୁଯାୟୀ ପାଳନ କରାଯାଏ, ସେଠାରେ ଜଗତ୍‌ଜନନୀ ମା ଲକ୍ଷ୍ମୀ ବାସ କରିନ୍ତି, ଦାରିଦ୍ର୍ୟ ରୋଗ ଶୋକ ସବୁ ଦୂରେଇ ଯାଏ, ସୁଖ ଶାନ୍ତି ପ୍ରାଚୁର୍ଯ୍ୟରେ ପୁରି ଉଠେ ଘର ଓ ପରିବାର ବୋଲି ବିଶ୍ୱାସ ରହିଛି । ଗୁରୁବାର ଦିନ ପାଳିତ ଏହି ଓଷାରେ ରହିଛି ଅନେକ ରୀତିନୀତି । ଘର ଠାରୁ ଅଗଣା ବାଡି ସର୍ବତ୍ର ସଫା କରାଯାଇ ଲିପା ପୋଛା ହୁଏ । ଅରୁଆ ଚାଉଳ ବଟା ସୋଦୁଅରେ ଝୋଟି ପଡି କାନ୍ଥବାଟ ଅଗଣା ଖଳାବାଡି ଆଦି ଭାରି ସୁନ୍ଦର ଦିଶେ । ଚିତଉ, ମଣ୍ଡା, କାକରା, ବିରିପୁଳି ଆଦି ଅନେକ ପ୍ରକାରର ପିଠା, ଖୀରି, ଖେଚେଡି, ଦହି ଭାତ ଓ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନମାନ ପ୍ରସ୍ତୁତ କରାଯାଇ ମାଙ୍କୁ ସମର୍ପଣ କରାଯାଏ । ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀ ପୁରାଣରେ ଏହି ବ୍ରତର ସମସ୍ତ ପଦ୍ଧତି ଓ ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି ।

କୃଷିଭିତ୍ତିକ ଏହି ପର୍ବ ଧାନକ୍ଷେତରେ ଫସଲ ଅମଳ ସମୟରେ ହିଁ ପଡେ । ଧାନ କେଣ୍ଡାରେ ସୁନ୍ଦର ମେଣ୍ଟାମାନ ପୂଜା ପାଇଁ ପ୍ରସ୍ତୁତ କରାଯାଏ । ଏହାକୁ ଖୁବ ଯତ୍ନର ସହ ସାଇତି ରଖିବାର ପରମ୍ପରା ଶସ୍ୟ ଅମଳ ଓ ସଂରକ୍ଷଣର ଗୁରୁତ୍ୱକୁ ଦର୍ଶାଏ । ଏହି ମହାନ ପର୍ବ ସମାଜ ପ୍ରତି ଅନେକ ବର୍ତ୍ତା ବହନ କରେ । ଲକ୍ଷ୍ମୀ ପୁରାଣରେ ଶ୍ରୀୟା ଚଣ୍ଡାଳୁଣୀ ନିଷ୍ଠାର ସହ ମାଣବସା ବ୍ରତ ପାଳନ କରି ମା' ଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିପାରିଥିଲା । ଭକ୍ତ ବିନୋଦିନୀ ମା' ନିଜେ ଶ୍ରୀମନ୍ଦିରର ସମସ୍ତ କଟକଣାକୁ ଏଡେଇ ଦେଇ ବିଜେ କରିଥିଲେ ଶ୍ରୀୟାର ଘରେ । ମା'ଙ୍କର ଏହି କାର୍ଯ୍ୟ କ୍ଷୁବ୍ଧ କରିଥିଲା ବଡ ଠାକୁର ଶ୍ରୀ ବଳଭଦ୍ରଙ୍କୁ । ଜଗତର ନାଥ ଜଗନ୍ନାଥଙ୍କୁ ବାଧ୍ୟ କରାଇ ସେ ଲକ୍ଷ୍ମୀଙ୍କୁ ବଡଦେଉଳରୁ ବାସନ୍ଦ କରାଇଥିଲେ । ଐଶ୍ୱର୍ଯ୍ୟଦାୟିନୀ ମା' ଲକ୍ଷ୍ମୀଙ୍କ ପ୍ରସ୍ଥାନ ପରେ ଶ୍ରୀହୀନ ହୋଇ ପଡିଥିଲା ଶ୍ରୀମନ୍ଦିର । ଦାରିଦ୍ର୍ୟ, ଦୁଃଖ ଓ ଦୁର୍ଦ୍ଦଶାରେ ଘୁରି ବୁଲିଥିଲେ ବ୍ରହ୍ମାଣ୍ଡ ଠାକୁର । ଅନେକ ବର୍ଷ ପରେ ମା' କମଳିନୀଙ୍କୁ ସନ୍ତୁଷ୍ଟ କରି ଫେରି ପାଇଥିଲେ ସେମାନଙ୍କର ପୂର୍ବଶିରୀ ।

ସ୍ତ୍ରୀ ଓ ପୁରୁଷ ପରସ୍ପରର ପରିପୂରକ । ସ୍ୱୟଂ ଜଗନ୍ନାଥ ବି ଲକ୍ଷ୍ମୀଙ୍କ ବିନା ଅସଂପୂର୍ଣ୍ଣ । ଏହା ମାଧ୍ୟମରେ ସମାଜରେ ନାରୀମାନଙ୍କର ଗୁରୁତ୍ୱ ପ୍ରତିପାଦନ କରାଯାଇଛି ଓ ନାରୀ ସଶକ୍ତିକରଣ ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ । ମାଣବସାରେ ସଫାସୁତୁରା ଏକ ନିହାତି ଆବଶ୍ୟକ ଅଙ୍ଗ । ପୁରାଣରେ ବର୍ଣ୍ଣିତ ଯେ, ସଂପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନ ପରବେଶରେ ହିଁ ମା' ଲକ୍ଷ୍ମୀ ବିଜେ କରନ୍ତି । ଗୁରୁବାରର ପୂର୍ବଦିନରୁ ପୂରା ଘର ଅଗଣା ବାଡି ଚତୁଃପାର୍ଶ୍ୱକୁ ସଫା କରାଯାଏ । ପ୍ରତ୍ୟେକ ଘର ଏଭଳି ଭାବେ ପରିଷ୍କାର ପରିଚ୍ଛନ୍ନ ହୋଇ ଗାଁ ସଂପୂର୍ଣ୍ଣ ନିର୍ମଳ ହୋଇଯାଏ । ପରୋକ୍ଷରେ ଏହା ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରେ । ଏହି ପର୍ବ ଗାଁର ସାଧାରଣ ଲୋକଟିକୁ ସ୍ୱଚ୍ଛତା ଅଭିଯାନରେ ସାମିଲ କରାଏ । କଠୋର ଜାତିବାଦ ଓ ଅସ୍ପୃଶ୍ୟତା ଭଳି ସାମାଜିକ କୁସଂସ୍କାର ବିରୋଧରେ ମାଣବସା ବ୍ରତ ଓ ଲକ୍ଷ୍ମୀପୁରାଣ ବୋଧହୁଏ ସର୍ବପ୍ରଥମ ଆନ୍ଦୋଳନ । ଯେ କୌଣସି ଜାତିର ଲୋକ ଈଶ୍ୱର ଆରାଧନା ପାଇଁ ଯୋଗ୍ୟ ଓ ଏହା ମନୁଷ୍ୟମାତ୍ରେ ସମସ୍ତଙ୍କର ଜନ୍ମସିଦ୍ଧ ଅଧିକାର । ଶ୍ରୀୟା ଚଣ୍ଡାଳୁଣୀ ତଥାକଥିତ ନୀଚକୂଳରେ ଜନ୍ମଗ୍ରହଣ କରିଥିଲେ ବି ନିଜର ଭକ୍ତି ଓ ଆରାଧନା ମାଧ୍ୟମରେ ସେ ଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିପାରିଥିଲେ । ମା' ଲକ୍ଷ୍ମୀ ଆଚଣ୍ଡାଳ ବ୍ରାହ୍ମଣଙ୍କୁ ମନ୍ଦିର ପ୍ରବେଶ ପ୍ରତିଶ୍ରୁତି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରୁ ନେଇ ମନ୍ଦିରକୁ ପୁନର୍ବାର ଫେରିଥିଲେ । ଆନନ୍ଦବଜାରରେ ଚଣ୍ଡାଳ ହାତରୁ ବ୍ରାହ୍ମଣ ମହାପ୍ରସାଦ ସେବନ କରନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଶ୍ରୀମନ୍ଦିର ହିନ୍ଦୁମାନଙ୍କର ପବିତ୍ରସ୍ଥାନ ଭାବେ ବିବେଚିତ । ସମସ୍ତ ଉତ୍କଳୀୟ ପୂଜା ପଦ୍ଧତି ଓ ପରମ୍ପରା ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିରର ରୀତିନୀତିକୁ ଅନୁକରଣ କରାଯାଏ । ତେଣୁ ଶ୍ରୀ ମନ୍ଦିରରେ ଜାତିପ୍ରଥା, ଅସ୍ପଶ୍ୟତା ଆଦିକୁ ବାରଣ କରାଯିବା ପରେ ଏହା ଅନ୍ୟମନ୍ଦିରରେ ମଧ୍ୟ ଲାଗୁ ହେବା ଦରକାର । ସାମାଜିକ ଚଳଣିରେ ମଧ୍ୟ ଜାତିପ୍ରଥା ନ ରହିବା ଉଚିତ୍ । ଘର ପରିବାରରେ ସ୍ୱଚ୍ଛତା, ନାରୀମାନଙ୍କ ପ୍ରତି ଉପଯୁକ୍ତ ସମ୍ମାନ, ଜାତିପ୍ରଥା ନାଁରେ ମଣିଷ ମଣିଷ ଭିତରେ ଭେଦଭାବ ନରଖିଲେ ମା' ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଆଶିଷ ପ୍ରଦାନ କରନ୍ତି । ଏହାକୁ ଜୀବନର ଦୀକ୍ଷା ଭାବେ ଗ୍ରହଣ କରି ମାସଶ୍ରେଷ୍ଠ ମାର୍ଗଶୀରରେ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କଲେ ଧନଧାନ୍ୟ ଗୋପଲକ୍ଷ୍ମୀରେ ଘର ପୂରି ଉଠିବ ।


**ଡକ୍ଟର ତପନ କୁମାର ଦାଶ**


# ସ୍ୱାସ୍ଥ୍ୟ ଓ ବିଜ୍ଞାନ ଦୃଷ୍ଟିରେ ମାର୍ଗଶୀର ଲକ୍ଷ୍ମୀପୂଜା

ମାର୍ଗଶୀର ମାସର ପ୍ରତ୍ୟେକ ଗୁରୁବାର ଓଡ଼ିଆ ଘର ପାଇଁ ଗୁରୁତ୍ୱପୂର୍ଣ୍ଣ । ମା'ଲକ୍ଷ୍ମୀ ଠାକୁରାଣୀ ଏହି ଦିନ ପ୍ରତି ଘରେ ବିଜେ ହୁଅନ୍ତି । ନୂଆ ଧାନ ଅମଳ ହୋଇଥାଏ ।



ଖଳାବାଡ଼ି, ଅଗଣା, ଦାଣ୍ଡଦୁଆର ଠାରୁ ଗମ୍ଭିରୀଘର ପର୍ଯ୍ୟନ୍ତ ଧାନ୍ୟ-ଲକ୍ଷ୍ମୀ ବିରାଜମାନ କରିଥାନ୍ତି । ପୂର୍ବଦିନ ରାତିରୁ ଘରର ଚାରିଆଡ଼େ ଚିତା ପଡ଼ିଥାଏ । ଲକ୍ଷ୍ମୀପାଦ, ପଦ୍ମଫୁଲ ଚିତା ପକାଇବାରେ ଓଡ଼ିଆଣୀଙ୍କ ବିଶେଷତ୍ୱ ଅଦ୍ୱିତୀୟ । ଶୁକ୍ଳଧାନର ଏହି ଓଷାରେ ବିଶେଷ ପ୍ରାଧାନ୍ୟ ଥିବାରୁ ଧାନମପା 'ମାଣ' ଏ ଓଷାରେ ଖଟୁଲୀରେ ଥୁଆ ହୋଇ ଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ରୂପେ ପୂଜା ପାଇଥାନ୍ତି । ତେଣୁ ଏହାର ଅନ୍ୟନାମ 'ଧାନମାଣିକା ଓଷା' । ଚଷାପୁଅ ଧାନ କାଟିଲା ବେଳୁ ଧାନ ବିଲରୁ ଯେଉଁ ଧାନମେଣ୍ଟା ରଖିଥାଏ, ଆଜି ତାହା ପୂଜା ଘରେ ଟଙ୍ଗାଯାଏ । ଗଉଣୀ, ମାଣ, ନାଳିକନାରେ ଆବୃତ୍ତ ହୋଇ ଧୂପଦୀପ ନୈବେଦ୍ୟରେ ପୂଜା ହୁଏ । ଗୋମୟରେ ଘରଦ୍ୱାର ଲେପନ, ଗୃହମାର୍ଜନ, ଶୁକ୍ଳବସ୍ତ୍ର, ଶୁକ୍ଳଧାନ୍ୟର ପୂଜା, ମାଣବସା ପୁରାଣ ପାଠସହ, ପିଠାପଣାର ଆଦର ଏ ଓଷାର ପ୍ରଧାନ ବିଶେଷତ୍ୱ । ମାସର ପ୍ରତି ପାଳିରେ ଲକ୍ଷ୍ମୀ ପୁରାଣ ବୋଲାଯାଏ । କେତେକ ମାର୍ଗଶିରରେ 'ମାଣ ବସାଇ ମାଘରେ ଏହାର ଉଦ୍‌ଯାପନ କରନ୍ତି । କାରଣ ମାର୍ଗଶୀର ପରି ମାଘ ମଧ୍ୟ ଚାରି ପୁଣ୍ୟ ମାସରୁ ଅନ୍ୟତମ ।

ଗୁରୁବାର ମାଣବସା ଉତ୍କଳରେ ଅତି ପବିତ୍ର ଓ ସମ୍ମାନିତ ପର୍ବ । ଏପରିକି ଏହି ପର୍ବର ଉଦ୍‌ଯାପନ ଦିବସର ମାଣଧାନ ତାର ଆହୁରି ପବିତ୍ରତମ, ଏପରିକି ବିବାହିତ ଝିଅକୁ ମଧ୍ୟ ଏଥିରେ ନିମନ୍ତ୍ରଣ କରାଯାଏ ନାହିଁ । ମାର୍ଗଶୀର ମାସ ପ୍ରବେଶ କଲା ମାତ୍ରେ ସମସ୍ତେ ସଂଯତ ଓ ଶୁଚିବନ୍ତ ହୋଇ ମନଦେଇ ମା'ଲକ୍ଷ୍ମୀଙ୍କ ଆବାହନ ଲାଗି ପ୍ରସ୍ତୁତ ହୁଅନ୍ତି ।

ଏହି ପର୍ବ ମୂଳରେ ସ୍ୱାସ୍ଥ୍ୟ ବିଜ୍ଞାନ କାର୍ଯ୍ୟକ୍ରମ ଜଡ଼ିତ । ପରିଷ୍କାର ପରିଚ୍ଛନ୍ନ ରହି ଘରଦ୍ୱାର ସଫାସୁତରା ରଖିବା ଏକ ସ୍ୱାସ୍ଥ୍ୟରକ୍ଷା ବିଧି । ସପ୍ତାହକ ମଧ୍ୟରେ ଅନ୍ତତଃ ପ୍ରତି ଗୁରୁବାର ଏ ନୀତିଶିକ୍ଷା ଏବେ ବି ସ୍ମରଣ କରାଇ ଦିଏ । ଗୃହର ପ୍ରତ୍ୟେକ ଜିନିଷକୁ ଯଥା ସ୍ଥାନରେ ରଖି ଘର ସଜାଡ଼ିବା ସବୁ ହିନ୍ଦୁ ନରନାରୀଙ୍କ ମୁଖ୍ୟ କର୍ତ୍ତବ୍ୟ । ଏଣୁ ପରିଚ୍ଛନ୍ନତା ସୌନ୍ଦର୍ଯ୍ୟର ଦ୍ୱିତୀୟ ନାମ ବୋଲି କୁହାଯାଏ । ଏହି ସୌନ୍ଦର୍ଯ୍ୟ ନିର୍ମଳତା ହିଁ ଲକ୍ଷ୍ମୀ । ଏହି ପର୍ବରେ ପୁଣି ଶୁକ୍ଳଧାନ ମାଣ ବସେ । ସ୍ତ୍ରୀ ଲୋକମାନେ ଶୁକ୍ଳବସ୍ତ୍ର ପରିଧାନ କରିବାର ବିଧି । ଚିତା ଓ ଝୋଟି ସବୁ ଶୁକ୍ଳ ।

ଗାଁ ଗହଳର ଭାଗବତ ଟୁଙ୍ଗୀର ସାନ୍ଧ୍ୟ ଆସର ସମବେତ ପୁରୁଷମାନଙ୍କୁ ଯେପରି ଉଦ୍‌ବୁଦ୍ଧ କରି ଧର୍ମଚେତନା ଆଣେ, ମାଣବସା ଲକ୍ଷ୍ମୀପୁରାଣ ନାରୀ ଜାତି ମଧ୍ୟରେ ସେହିପରି ନୀତିନିୟମ ପାଳନର ଶିକ୍ଷା ଦେବା ସହ ସମାଜ ବନ୍ଧନରୁ ସୁସ୍ଥ ସୁନ୍ଦର, ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ସାଧାରଣତଃ କୁହାଯାଏ ପୁରୁଷ ବାହାର ଓ ସ୍ତ୍ରୀ ଗୃହର ଦାୟିତ୍ୱ ନେଇଥାଏ । ସକାଳୁ ସ୍ନାନସାରି ଘର ଗୋବରରେ ଲିପିବା ଫଳରେ ଗୃହର ପବିତ୍ରତା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଗୋମୟ ଲେପନ ଫଳରେ ବହୁ ଅନିଷ୍ଟକାରୀ ଜୀବାଣୁ ନଷ୍ଟ ହୁଅନ୍ତି । ସ୍ତ୍ରୀ ଜାତିକୁ ଅଳସେଇ ମଠୋଇରେ ପରିଣତ ନକରି ଲକ୍ଷ୍ମୀ ପୁରାଣ ଅନ୍ତତଃ ସେମାନଙ୍କୁ ଚଞ୍ଚଳ, କର୍ମନିପୁଣା, କାମିକା କରି ପାରୁଛି । ଗୁରୁବାର ଦିନ ଆମିଷ ଭକ୍ଷଣ ନକରିବା ପ୍ରଥା ଏବେ ବି ହିନ୍ଦୁ ଗୃହିଣୀଙ୍କୁ ପ୍ରଭାବିତ କରିଛି । ଗୁରୁବାର ଦିନ ଅର୍ଥ ଖର୍ଚ୍ଚ କରିବାକୁ ମନା । ବିନା ଆସନରେ ଭୂମି ଶୟନ, ସକାଳୁ ଉଠି ମୁଖ ଅପ୍ରକ୍ଷାଳନ, ଦକ୍ଷିଣ-ପଶ୍ଚିମକୁ ମୁହଁ କରି ଭୋଜନ, ସନ୍ଧ୍ୟାରେ କେଶ ପ୍ରସାଧନ, ଅନ୍ଧକାର ଗୃହରେ ଭୋଜନ, ସ୍ନାନାନ୍ତେ ତୈଳମର୍ଦ୍ଦନ, ନଖ ମୂନରେ ଭୂମି ବିଦାରଣ ମୂଳରେ ସ୍ୱାସ୍ଥ୍ୟରକ୍ଷା ବିଧି ପ୍ରଚ୍ଛନ୍ନ ନାହିଁକି ? ଉତ୍ତମ ରୂପେ ତନ୍ନ ତନ୍ନ କରି ଦେଖିଲେ ଜାଣି ହେବ ଯେ ଗୃହବିଜ୍ଞାନରେ ଏସବୁ ରହିଛି । ଆଜିର ପାଠପଢ଼ା ଛାତ୍ରୀ ଆସନ୍ତାକାଲିର ଗୃହକର୍ତ୍ତ୍ରୀ । ଏଣୁ ସୁସ୍ଥ ପରିବାର ବିଧିରେ ପରିଚର୍ଯ୍ୟା ନିମନ୍ତେ ଅନ୍ତତଃ ପ୍ରତ୍ୟେକ ହିନ୍ଦୁ ପ୍ରାପ୍ତବୟସ୍କା ବାଳିକା, ନାରୀ ଏହି ପୁରାଣଟି ପାଠ କରିବା ବିଧେୟ । ଲକ୍ଷ୍ମୀ ପୁରାଣ ଏକାଧାରରେ ପାତିବ୍ରତ୍ୟ, ଅତିଥିସେବା, କୁଳାଚାର, ଜାତିଭେଦ, ଲୋକାଚାର, ସଂସାରନୀତି, ସ୍ୱାସ୍ଥ୍ୟନୀତିର ଏକ ଅପୂର୍ବ ସମାହାର।

ଓଡ଼ିଶା ଭାରତର ଅନ୍ୟତମ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ଓ ବିଶେଷତଃ ମାର୍ଗଶିର ମାସରେ ଧାନ ଅମଳ ହେଉଥିବାରୁ ଧାନ୍ୟ ଲକ୍ଷ୍ମୀ ପ୍ରତି ଚାଷୀର ଘରକୁ ଆଗମନ କରନ୍ତି । ଓଡ଼ିଆ ଗୃହିଣୀ ତତ୍କାଳୀନ ଋତୁରାଜ ଫୁଲ ଫଳରେ ଶସ୍ୟ ଲକ୍ଷ୍ମୀର ନିରାଜନା କରିଆସୁଛି । ଅଁଳା, ହରିଡ଼ା, ବାହାଡ଼, ମୂଳା, ଆଖୁ, କଣ୍ଟେଇକୋଳି, ଖୁଦ, ମନ୍ଦୁଖ ଆଦି ସହଜଲଭ୍ୟ ଅନାବନା, ଅଜାତିଆ ପଦାର୍ଥଗୁଡ଼ିକ ହିଁ ଲକ୍ଷ୍ମୀଙ୍କ ନୈବେଦ୍ୟ କରାଯାଇଥାଏ । ଏଗୁଡ଼ିକରେ ହିଁ ବୈଜ୍ଞାନିକ ମତରେ ଜୀବନିକା ବା ଶରୀର ଗଠନ ଉପାଦାନ ଭରି ରହିଛି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର 19th November, 2025 Wednesday RNI Regd. No. ODIODI/2006/23033 Postal Regd. No. : BN/169/13-15


## ସେଥିପାଇଁ....

ବାହାଘର ରିସେପ୍‌ସନ୍‌ରେ ଜଣେ ସୁନ୍ଦରୀ ପଡ଼ିଶା ଘରର ଯୁବକକୁ ଆଇ ଲଭ ୟୁ କହିବାରୁ ଯୁବକ ଏଥିରେ ଆଶ୍ଚର୍ଯ୍ୟ ହୋଇ ପଚାରିଲା- ତୁମେ ଏମିତି ମୋ ଭିତରେ କ'ଣ ଦେଖିଲ ଯେ ମତେ ଆଇ ଲଭ୍ ୟୁ କହିଲ ?

ଯୁବତୀ ମିଠା ହସି କହିଲା- ମୁଁ ଆଣ୍ଟିଙ୍କ ସହିତ କଥା ହେବା ପାଇଁ ତୁମ ଘରକୁ ଯେତେବେଳେ ବି ଯାଇଛି, ତୁମକୁ ଅଟା ଦଳୁଥିବା କିମ୍ବା ପରିବା କାଟୁଥିବାର ଦେଖିଛି । ସେଥିପାଇଁ... !!!





# ମହିଳା ସୁବାହକଙ୍କ ପାଇଁ ୪୬କୋଟିରୁ ଅଧିକ ଖର୍ଚ୍ଚ

**ଭୁବନେଶ୍ୱର,୧୮।୧୧**
**ତଥ୍ୟ**

ଆମ ସୁବାହକ ଯୋଜନା ଜରିଆରେ ମହିଳାମାନଙ୍କୁ ଆତ୍ମନିର୍ଭର ପାଇଁ ସରକାର ଯେଉଁ ଯୋଜନା ଆରମ୍ଭ କରିଛନ୍ତି ପ୍ରଥମ ପର୍ଯ୍ୟାୟରେ ସେଥିପାଇଁ ୪୬ କୋଟିରୁ ଅଧିକ ଟଙ୍କା ବ୍ୟୟ କରିବେ । ମହିଳାମାନେ ଖରିଦ କରିବାକୁ ଥିବା ଯାନର ଡାଉନ ପେମେଣ୍ଟ, ସୁଧ ଆଦି ପାଇଁ ଏହି ଅର୍ଥ ସରକାର ଯୋଗାଇବେ ।

ଆତ୍ମନିର୍ଭର ମହିଳା ସୁବାହକ ଯୋଜନାରେ ରାଜ୍ୟ ସରକାର ୪ବର୍ଷରେ ୧୧୦୦ ମହିଳାଙ୍କୁ ଗାଡି କିଣିବାପାଇଁ ସହାୟତା ଯୋଗାଇଦେବେ । ମହିଳାମାନେ ଏହି ଗାଡି କିଣି ନିଜେ ଚଳାଇ ରୋଜଗାର କରିପାରିବେ । ଗାଡିଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସରକାରୀ ବିଭାଗ ଓ ସଂସ୍ଥାରେ ଭଡାରେ ଲଗାଇବାର ସୁଯୋଗ ମିଳିବ ।

ତେବେ ମିଳିଥିବା ସୂଚନା ଅନୁଯାୟୀ ୪ବର୍ଷରେ ମହିଳାଙ୍କ ପାଇଁ ୧୧୦୦ ଟି ଗାଡି ବାବଦରେ ରାଜ୍ୟ ସରକାର ୪୬ କୋଟି ୬୬ଲକ୍ଷ ୨୯ହଜାର ୫୦୦ ଟଙ୍କା ବ୍ୟୟ କରିବାର ପ୍ରାରମ୍ଭିକ ଆକଳନ କରିଛନ୍ତି । ପ୍ରତ୍ୟେକ ଯାନର ହାରାହାରି ମୂଲ୍ୟ ୧୦ଲକ୍ଷ ଟଙ୍କା ରଖାଯାଇଥିବାବେଳେ ଏହାର ୯୦ ପ୍ରତିଶତ ଅର୍ଥାତ୍ ସର୍ବାଧିକ ୯ଲକ୍ଷ ଟଙ୍କାର ବ୍ୟାଙ୍କଋଣ ହିତାଧିକାରୀମାନଙ୍କୁ କରିବାକୁ ପଡିବ । ଋଣ ବାବଦରେ ସମସ୍ତ ସୁଧ ରାଜ୍ୟ ସରକାର ବହନ କରିବେ । ହିତାଧିକାରୀମାନେ ଗାଡି ନେବାର ୫ବର୍ଷ ମଧ୍ୟରେ ଋଣ ପରିଶୋଧ କରିବେ ।



ତେବେ ରାଜ୍ୟ ସରକାର ହିତାଧିକାରୀମାନଙ୍କ ମୂଳଧନ ଜମା ବାବଦରେ ଗାଡି ମୂଲ୍ୟର ୧୦ ପ୍ରତିଶତ ଅର୍ଥାତ୍ ୧୧ କୋଟି ଟଙ୍କା ବି ବହନ କରିବେ । ଅବଶିଷ୍ଟ ୯୯ କୋଟି ଟଙ୍କା ହିତାଧିକାରୀମାନେ ଶୁଝିବାର ଲକ୍ଷ୍ୟ ରହିଛି । ତେବେ ବ୍ୟାଙ୍କଗୁଡିକୁ ଋଣର ସୁଧ ବାବଦୀୟ ଅର୍ଥ ସରକାର ପ୍ରଦାନ କରିବାର ଥିବାରୁ ଆଗୁଆ ଭାବେ ୩ମାସର ମାସିକ କିସ୍ତି ଜମା ରହିବ । ଯଦି ହିତାଧିକାରୀମାନେ ନିୟମିତ କିସ୍ତି ପ୍ରଦାନରେ ଖିଲାପ କରନ୍ତି ତେବେ ଏହି ଜମା ଅର୍ଥରୁ କିସ୍ତି ସୁଝାଯିବ ।

ରାଜ୍ୟ ସରକାରଙ୍କର ଏହି ଯୋଜନାରେ ସାମିଲ ହେବାକୁ ଥିବା ମହିଳା ହିତାଧିକାରୀମାନଙ୍କର ବୟସ ୨୧ରୁ ୪୦ବର୍ଷ ମଧ୍ୟରେ ହେବା ସହିତ ସେମାନଙ୍କର ବାର୍ଷିକ ଆୟ ୩ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବା ଆବଶ୍ୟକ । ଏହାବାଦ୍ ସବୁଠାରୁ ବଡ ମାନଦଣ୍ଡ ହେଉଛି ସମ୍ପୃକ୍ତ ମହିଳା ହିତାଧିକାରୀଙ୍କର ଯୋଗ୍ୟ ଡ୍ରାଇଭିଂ ଲାଇସେନ୍ସ ଥିବ ଏବଂ ସିଏ ରାଜ୍ୟରେ ଥିବା ସରକାରୀ ଡ୍ରାଇଭିଂ ଏବଂ ଗବେଷଣା କେନ୍ଦ୍ରରେ ତାଲିମ ନେଇ ଏହା ହାସଲ କରିଥିବେ । ଯୋଜନାରେ ସାମିଲ ପରେ ଅତି କମ୍‌ରେ ୫ବର୍ଷ ପାଇଁ ଟ୍ୟାକ୍ସି ଚଳାଇବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିବେ ।

ଓଡିଶା ରାଜ୍ୟ ସଡକ ପରିବହନ ନିଗମ ବସ୍ କିମ୍ବା ରୁଟ୍ ବସ ଚଳାଉଥିବା ମହିଳା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟ ଥିବା ମହିଳା ଗାଡିଚାଳକ ଓ ସୁଭଦ୍ରା ଯୋଜନାର ହିତାଧିକାରୀ ଥିବା ଚାଳକମାନଙ୍କୁ ଏହି ଯୋଜନାରେ ସାମିଲ ପାଇଁ ଅଗ୍ରାଧିକାର ଦିଆଯିବ । ପ୍ରାରମ୍ଭିକ ସ୍ତରରେ ଏହି ଯୋଜନା ପାଇଁ ସରକାର ୪୬କୋଟି ୬୬ଲକ୍ଷ ଟଙ୍କାର ଅଧିକ ବ୍ୟୟର ପ୍ରସ୍ତୁତି କରିଥିବାବେଳେ ଯୋଜନାର ସଫଳତାକୁ ଦେଖି ଏଥିରେ ପରିବର୍ତ୍ତନ କରାଯିବ ବୋଲି ସୂଚନା ମିଳିଛି ।

# ୯୫ ଗ୍ରାମ୍‌ର ବ୍ରାଉନସୁଗାର ଜବତ

**କଟକ,୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ସ୍କ୍ୱାର୍ଡ଼ ମଂଗଳବାର ସ୍ଥାନୀୟ ସିଡ଼ିଏ-୬ ଅଂଚଳରେ ଥିବା ରୋଟାରୀ ଚକ୍ଷୁ ହସପିଟାଲ ନିକଟରେ ଚଢ଼ାଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ମର୍କତନଗର ଥାନା ଅନ୍ତର୍ଗତ ସିଡ଼ିଏ ୬ ଅଂଚଳର ପୂର୍ଣ୍ଣଚନ୍ଦ୍ର ଦାସ (୨୯) । ଗିରଫ ଅଭିଯୁକ୍ତ ନିକଟରୁ ୯୫ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି । ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୨ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଅଭିଯୁକ୍ତ ନିକଟରୁ ପୋଲିସ ଗୋଟିଏ ରୟାଲ ଏନଫିଲ୍ଡ ବୁଲେଟ (ଓଡ଼ି୦୫ସିଇ୧୦୮୩) ଜବତ କରିଛି । ଏହି ଚଢ଼ାଉରେ ଅବକାରୀ ଏସଆଇ ବିଭୂତି ଭୂଷଣ ପ୍ରଧାନ, ଏଏସଆଇ କିଶୋର ଚନ୍ଦ୍ର ରାଉତ, କନଷ୍ଟେବଳ ଅଶ୍ୱିନୀ ପରିଡ଼ା, ଲକ୍ଷ୍ମୀଧର ଖୁଣ୍ଟିଆ ଓ ମାନସରଂଜନ ବେହେରା ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରକୁ କୋର୍ଟ ଚାଲାଣ କରାଯାଇଛି ।

# ଜମୁଛି ଶୀତବସ୍ତ୍ର ବଜାରରେ ଗ୍ରାହକଙ୍କ ଭିଡ଼

**କଟକ,୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶୀତ ଋତୁରେ କଟକରେ ଶୀତବସ୍ତ୍ରର ପସରା ମେଲାଇଛନ୍ତି ତୀବତୀୟ ବ୍ୟବସାୟୀମାନେ । ସଂପ୍ରତି ସହରରେ ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଗ୍ରାହକମାନେ ଭଳିକି ଭଳି ମନ ପସନ୍ଦର ଶୀତବସ୍ତ୍ର କିଣିବାକୁ ବଜାରରେ ଭିଡ଼ ଜମାଉଛନ୍ତି । ତେବେ ଚଳିତବର୍ଷ ବେପାର ଭଲ ହେବ ବୋଲି ତୀବତୀୟ ବ୍ୟବସାୟୀମାନେ ଆଶା ବାନ୍ଧିଛନ୍ତି । ଶୀତ ଋତୁ ଆଗମନରେ କଟକରେ ତୀବତୀୟଙ୍କ ଶୀତବସ୍ତ୍ର ମାର୍କେଟ ଖୋଲିଥାଏ । ସ୍ଥାନୀୟ ମଂଗଳାବାଗ କାଠଗୋଲା ରୋଡ଼ ମହାନଦୀକୂଳରେ ଚଳିତବର୍ଷ ପାଖାପାଖି ୫୦ଟି ଶୀତବସ୍ତ୍ର ଷ୍ଟଲ ଖୋଲିଛି । ୫ ଦଶନ୍ଧି ଧରି ଏହି ବ୍ୟବସାୟୀମାନେ ପିଢ଼ି ପରେ ପିଢ଼ି କଟକରେ ଶୀତବସ୍ତ୍ର ବେପାର କରି ଆସୁଛନ୍ତି । ପୂର୍ବରୁ ହାତ ତିଆରି ସାଲ ଓ ସ୍ୱେଏଟର ଆଦି ଏହି ବ୍ୟବସାୟୀମାନେ ବିକ୍ରୟ କରୁଥିଲେ । ବର୍ତ୍ତମାନ ସମୟରେ ଆଧୁନିକ ଢ଼ାଞ୍ଚାର ଜାକେଟ, କମ୍ବଳ, ସ୍ୱେଟ ସାର୍ଟ, ମଫଲର, ମୋଜା, ଗ୍ଲୋବସ ଓ ଟୋପି ଆଦି ଭଳିକି ଭଳି ଶୀତବସ୍ତ୍ର ଏହି ଷ୍ଟଲ ଗୁଡ଼ିକରେ ଉପଲବ୍ଧ ହେଉଛି । ଜାକେଟର ଦାମ ୭୦୦ରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି ।

ସେହିପରି ସ୍ୱେଟ ସାର୍ଟର ମୂଲ୍ୟ ୮୦୦ରୁ ୧୫୦୦ ଟଙ୍କା ମଧ୍ୟରେ ରହିଛି । ଆକର୍ଷଣୀୟ କମ୍ବଳର ମୂଲ୍ୟ ୭୦୦ଟଙ୍କାରୁ ୨୦୦୦ ଟଙ୍କା ମଧ୍ୟରେ ଉପଲବ୍ଧ ହେଉଛି । ଏହି ବ୍ୟବସାୟୀମାନେ ବିଶେଷକରି ଶୀତବସ୍ତ୍ରଗୁଡ଼ିକୁ ନେପାଳ, ଦିଲ୍ଲୀ, ଡାର୍ଜିଲିଂ ଓ ହରିଆନା ଆଦି ସ୍ଥାନରୁ ଆଣି ଏଠାରେ ବିକ୍ରୟ କରିଥାନ୍ତି । ନବଜାତ ଶିଶୁଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାଙ୍କ ପାଇଁ ସମସ୍ତ ପ୍ରକାର ଶୀତବସ୍ତ୍ର ଏଠାରେ ଉପଲବ୍ଧ ହେଉଛି । ଗ୍ରାହକମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ସମସ୍ତ ପ୍ରକାର ଶୀତବସ୍ତ୍ର ଆଣିଥାନ୍ତି । ପାଖାପାଖି ୩ ମାସ ଧରି ଏହି ମାର୍କେଟ ଚାଲିଥାଏ । ସହରରେ ସଂପ୍ରତି ଶୀତର ପ୍ରକୋପ ବୃଦ୍ଧି ପାଉଥିବା ଯୋଗୁ ଚଳିତ ବର୍ଷ ବେପାର ଭଲ ହେଉଛି ବୋଲି ବ୍ୟବସାୟୀମାନେ କହିଛନ୍ତି ।

# ୯ ବର୍ଷ ଧରି ଗାଦି ମାଡ଼ିବସିଛନ୍ତି କ୍ୟାପିଟାଲ ହସ୍ପିଟାଲର ଗେହ୍ଲା ଡାକ୍ତର

**ଭୁବନେଶ୍ୱର,୧୮।୧୧**
**ପ୍ରଦୀପ୍ତ କୁମାର ଦାସ**

ପେସାରେ ଡାକ୍ତର ହେଲେ ରୋଗୀ ସେବା ଗୌଣ । ତାଙ୍କ ପାଇଁ ଭିଆଇପି ସେବା କିନ୍ତୁ ଆଗ । ଏପରିକି ଭିଆଇପିଙ୍କ ଚେଲା ଚାମୁଣ୍ଡାଙ୍କ ସେବାପାଇଁ ମଧ୍ୟ ହସ୍ପିଟାଲରେ ତାଙ୍କର ବେଶ ତତ୍ପରତା ଦେଖିବାକୁ ମିଳେ । ବଡ଼ବଡିଆ ସରକାରୀବାବୁ ଆଉ ତାଙ୍କ ସମ୍ପର୍କୀୟମାନଙ୍କ ସେବାରେ ଡାକ୍ତରବାବୁ ଭାରି ବ୍ୟସ୍ତ ରହୁଥିବା ଦେଖାଯାଏ । ବାବୁ ଭାରି କରିତକର୍ମା ମଧ୍ୟ । ନିଜର ଅନୈତିକ ପାରିବା ପଣିଆ ଯୋଗୁଁ ତଳରୁ ଉପର ମହଲ ଯାଏ ସବୁଠି ଅଛି ତାଙ୍କର ବେଶ ଭଲ ପକଡ଼ । ଶାସକ ଓ ମୁଖ୍ୟ ବିରୋଧୀ ରାଜନୈତିକ ଦଳର କିଛି ନେତା, କୁଜିନେତା ଆଉ ବଡ଼ବଡିଆ ସରକାରୀ ବାବୁଙ୍କ ସହ ତାଙ୍କର ରହିଛି ଭଲ ମଧୁର ସମ୍ପର୍କ । ପ୍ରିୟାପ୍ରୀତି ତୋଷଣରେ ସେ ମାହିର । ତେବେ ଦୀର୍ଘ ୯ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଭିଆଇପିଙ୍କ ଛତ୍ରଛାୟାରେ ରହି କ୍ୟାପିଟାଲ ହସ୍ପିଟାଲରେ ଏହି କରିତକର୍ମା ଡାକ୍ତର ଜଣକ ଏଭିଳି ମୋଟା ଚେର ମଡାଇ ତାଙ୍କ ଆସ୍ଥାନ ବେଶ ଜମାଇ ଆସୁଛନ୍ତି । ଖାଲି ସ୍ୱାସ୍ଥ୍ୟ ବିଭାଗ ନୁହେଁ, ଅନ୍ୟାନ୍ୟ ସରକାରୀ ଟାଣୁଆ ବିଭାଗଠୁ ଆରମ୍ଭ କରି ୩ୟ ମହଲା ଯାଏ ବି ତାଙ୍କର ରହିଛି ଭାରି ପକଡ଼ । ଯାହା ହେଲେବି ନିଜର ଗୋଟେ ଖାଦି ଅଛି ବୋଲି ବାହାଦୁରୀମାରି କୁହନ୍ତି ସେ । ସରକାରଙ୍କ ବଦଳି ନୀତି ତାଙ୍କ କ୍ଷେତ୍ରରେ କାଟୁ କରୁନଥିବାରୁ ତାଙ୍କ ବଦଳି କଥା ପଡିଲେ ବାହାସ୍ଫୋଟ ମାରି 'ମୋର କେହି କିଛି ଉଖାଡ଼ି ପାରିବେନି' ବୋଲି ଡାଇଲଗ ମାରନ୍ତି ବାବୁ । ଏହା ଭିତରେ ପଦୋନ୍ନତି ପାଇବି ପୁଣି ତା'ଉପର ପଦବୀ ଉପରେ ଆଖି ପକାଇଛନ୍ତି ସେ । ଖାସ ସେଇଥିପାଇଁ କୁଆଡେ ବାବୁଙ୍କ ନିଜ ପାଳି ପଡିବା ଯାଏ ଉକ୍ତ ଉଚ୍ଚ ପଦବୀ ପାଇଁ ଉପର ମହଲରେ ଧରାଧରି କରି ଅନ୍ୟ ବରିଷ୍ଠ ଡାକ୍ତରଙ୍କୁ ସେଠି ପୋଷ୍ଟିଂ ମଧ୍ୟ କରାଇଦେଉନାହାନ୍ତି ବାବୁ । ସେଥିଲାଗି ହସ୍ପିଟାଲର ସେହି ଗୁରୁତ୍ୱପୂର୍ଣ୍ଣ ପଦବୀଟି ଗଲା ପ୍ରାୟ ୬ ମାସରୁ ଉର୍ଦ୍ଧ୍ୱ କାଳ ହେଲା ପୂରଣ ନହୋଇ ଖାଲି ପଡ଼ିରହିଛି । ବିଭାଗୀୟ ମୁଖିଆଙ୍କୁ କୁଆଡେ ସେ ନିଜ ପକେଟରେ ପୁରାଇ ରଖିଛନ୍ତି ବୋଲି ଡାକ୍ତରଖାନାର କର୍ମଚାରୀମାନେ ଫୁସୁରୁଫାସୁରୁ ହୁଅନ୍ତି । ଏମିତିକି ଜଣେ କନିଷ୍ଠ ଡାକ୍ତର ହେଲେବି ହସ୍ପିଟାଲର ସର୍ବେସର୍ବା ସାଜିଛନ୍ତି ସେ ।




ତେବେ ବାବୁଙ୍କ ସୁରକ୍ଷା ପାଇଁ ସବୁବେଳେ ୪ ଜଣ ସୁରକ୍ଷା କର୍ମୀ ସଜାଗ ଥାନ୍ତି । ହସ୍ପିଟାଲ ପରିସରରେ ବୁଲିଲା ବେଳେ ଆଗରେ ପଛରେ ବାବୁଙ୍କୁ କିଛି ସୁରକ୍ଷାକର୍ମୀ ଘେରି ରହୁଥିବା ଦେଖିବାକୁ ମିଳେ । ବାବୁଙ୍କ ଚାମ୍ବର ଦ୍ୱାରରେ ଭିଆଇପିଙ୍କୁ ସୁରକ୍ଷା ଦେବା ଭଳି ସଜାଗ ରହିଥାନ୍ତି ସବୁବେଳେ କିଛି ସୁରକ୍ଷକର୍ମୀ । ତାଙ୍କ ହୁକୁମ ବିନା କୁଆଡେ ହସ୍ପିଟାଲରେ କିଛି ବି ନିଷ୍ପତ୍ତି ହୁଏନି ବୋଲି କୁହାଯାଏ । ଆହୁରି ମଧ୍ୟ ହସ୍ପିଟାଲରେ ଗତ ୯ ବର୍ଷ ଭିତରେ ରହଣି ମଧ୍ୟରେ ହୋଇଥିବା କେତେକ ଦୁର୍ନୀତିରେ ଏହି କରିତକର୍ମା ଡାକ୍ତରଙ୍କର ସମ୍ପୃକ୍ତି ଥିବା ଅନେକ ସମୟରେ ଚର୍ଚ୍ଚା ହୋଇଥାଏ । ରାଜ୍ୟ ଭିଜିଲାନ୍ସ ବିଭାଗ ଏ ବାବଦରେ ତଦନ୍ତ କଲେ ବାବୁଙ୍କ ଗୁମର ଖୋଲିଯିବ ବୋଲି ସେଠାକାର କିଛି କର୍ମଚାରୀ କୁହନ୍ତି । ହେଲେ ରାଜ୍ୟ ରାଜଧାନୀର ଏହି ମୁଖ୍ୟ ସରକାରୀ ଡାକ୍ତରଖାନାରେ ରୋଗୀ ସ୍ୱାସ୍ଥ୍ୟ ସେବାକୁ ଅଣଦେଖା କରିବା ସହିତ ସେଠାରେ ନିଜର ଅନୈତିକ ଦବଦବା ଜାହିର କରି ଆସୁଥିବା ଜଣେ କନିଷ୍ଠ ଚିକିତ୍ସା ଅଧିକାରୀଙ୍କୁ ସରକାର କାହା ସ୍ୱାର୍ଥରେ ଅନ୍ୟତ୍ର ବଦଳି ନକରି ଦୀର୍ଘ ୯ ବର୍ଷ ହେଲା ଅବସ୍ଥାପିତ କରିଛନ୍ତି ସେନେଇ ଏବେ ସହରର ବୁଦ୍ଧିଜୀବୀ ମହଲରେ ବେଶ ଆଶ୍ଚର୍ଯ୍ୟ ପ୍ରକଟ କରାଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ୫ଜିଲ୍ଲାକୁ 'ଜାତୀୟ...

ସଂସ୍ଥା, ଦୁଇଟି ସହଭାଗୀ ମନ୍ତ୍ରଣାଳୟ/ ବିଭାଗ, ଦୁଇଟି ଶିଳ୍ପ, ତିନୋଟି ଏନଜିଓ, ଦୁଇ ସ୍ୱେଚ୍ଛାସେବୀ ବ୍ୟକ୍ତି ବିଶେଷ ଏବଂ ୧୪ ଜଣ ନୋଡାଲ ଅଧିକାରୀ ଅନ୍ତର୍ଭୁକ୍ତ । ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲାଗୁଡ଼ିକୁ ବର୍ଗ ୧ରେ ପ୍ରତ୍ୟେକଙ୍କୁ ୨ କୋଟି ଟଙ୍କା, ବର୍ଗ ୨ ଏବଂ ୩ରେ ଥିବା ଜିଲ୍ଲାଗୁଡ଼ିକୁ ଯଥାକ୍ରମେ ୧ କୋଟି ଟଙ୍କା ଏବଂ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ମଧ୍ୟରେ ଓଡିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ତୃତୀୟ ବର୍ଗରେ ପୁରସ୍କୃତ ହୋଇଛନ୍ତି । ଏସବୁ ଜିଲ୍ଲାରେ ବିଭିନ୍ନ ଜଳପ୍ରକଳ୍ପକୁ ସଫଳତାର ପୂର୍ବକ କାର୍ଯ୍ୟକାରୀ କରିବା ଲାଗି ପ୍ରତ୍ୟେକ ଜିଲ୍ଲାକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି ।

ଗଞ୍ଜାମ ଜିଲ୍ଲାରେ ୯,୪୦୨ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ଜିଲ୍ଲାରେ ଯଥାକ୍ରମେ ୧୫,୧୪୧, ୬,୬୭୮, ୮,୨୩୭, ୫,୫୭୨ ଟି ଲେଖାଏଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।ଏହା ସହିତ, ଜଳ ସଞ୍ଚୟ ଜନ ଭାଗୀଦାରୀ (ଜେଏସଜେବି) ପ୍ରୟାସରେ ଭୂତଳ ଜଳ ପୁନଃଚାର୍ଜ ଢାଞ୍ଚା ବିକାଶରେ ଅନୁକରଣୀୟ ଅବଦାନ ପାଇଁ ୧୦୦ ଜଣ ପ୍ରତିଷ୍ଠିତ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମଟି ପାରମ୍ପରିକ 'ଜଳ କଳସ' ସମାରୋହ ସହିତ ଆରମ୍ଭ ହୋଇଥିଲା ।

ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପୁରସ୍କାର ବିଜେତାମାନଙ୍କୁ ପ୍ରଶଂସା କରି କହିଥିଲେ ଯେ, ସେମାନେ ନିଜ ନିଜ କ୍ଷେତ୍ରରେ ଜଳ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେଇଛନ୍ତି ଏବଂ ସେମାନଙ୍କ ପ୍ରୟାସ ମାଧ୍ୟମରେ ସମାଜରେ ଜଳ ବିଷୟରେ ଏକ ନୂତନ ପ୍ରକାରର ସଚେତନତା ସୃଷ୍ଟି କରିଛନ୍ତି । ରାଷ୍ଟ୍ରପତି ସମସ୍ତ ପରିବାର ପାଇଁ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା, ଗ୍ରାମାଞ୍ଚଳରେ ଖୋଲା ମଳତ୍ୟାଗ ଦୂର କରିବା ଏବଂ ଜଳ ସଂରକ୍ଷଣ ଭଳି ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମଗୁଡ଼ିକୁ ଅନ୍ତର୍ଭୁକ୍ତ କରି ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ମଧ୍ୟ ପ୍ରଶଂସା କରିଥିଲେ । ସେ 'ଜଳ ସଞ୍ଚୟ ଜନ ଭାଗୀଦାରୀ' ଯୋଜନାକୁ ପ୍ରଶଂସା କରିଥିଲେ ଏବଂ ଗତ ବର୍ଷ ଯୋଜନା ଆରମ୍ଭ ହେବା ପରଠାରୁ ୩୫ ଲକ୍ଷରୁ ଅଧିକ ଭୂତଳ ଜଳ ପୁନଃଚାର୍ଜ ଢାଞ୍ଚା ସମାପ୍ତ କରିଥିବାରୁ ମନ୍ତ୍ରଣାଳୟକୁ ଅଭିନନ୍ଦନ ଜଣାଇଥିଲେ ।

### ଗ୍ରାଉଣ୍ଡରେ କାମ...

ଗଞ୍ଜାମ ଜିଲ୍ଲାପାଳଙ୍କୁ ତୁରନ୍ତ ସେହି ଗାଁକୁ ବିଦ୍ୟୁତ୍ ସଂଯୋଗ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲାପାଳ ସମ୍ମିଳନୀରେ ଦୁର୍ନୀତି ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ସରକାରୀ କାର୍ଯ୍ୟାଳୟ ଦଲାଲମୁକ୍ତ ହେବା ଦରକାର ଏବଂ ମିଡିଲ୍ ମ୍ୟାନ୍ ସିଷ୍ଟମ ହଟିବା ଆବଶ୍ୟକ । ସରକାରଙ୍କ ଲକ୍ଷ୍ୟ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ଶାସନ ହେବା ଦରକାର । ଖବରକାଗଜରେ ପ୍ରକାଶ ପାଉଥିବା ଭିଜିଲାନ୍ସ ରେଡ୍, ମୃତ ଲୋକଙ୍କ ନାମରେ ଜମି ପଞ୍ଜିକରଣ ଓ ଅନ୍ୟ ଲୋକଙ୍କୁ ଠିଆ କରି ଜମି ପଞ୍ଜିକରଣ ଭଳି ଘଟଣାକୁ ନେଇ ସେ ଉଦବେଗ ପ୍ରକାଶ କରିଛନ୍ତି । ସେ ଅଧିକାରୀମାନଙ୍କୁ ଆଖି କାନ ଖୋଲା ରଖିବାକୁ ଏବଂ ନାକ ତଳେ କଣ ହେଉଛି ତା'ର ଖବର ରଖିବାକୁ ପରାମର୍ଶ ଦେଇଛନ୍ତି । ଭିଜିଲାନ୍ସ ଧରିବା ପୂର୍ବରୁ ଅଧିକାରୀମାନେ ନିଜେ ଦୁର୍ନୀତିକୁ ଧରିବା ଉଚିତ ବୋଲି ସେ କହିଛନ୍ତି । ଏହା ସହ ଆଜିର କାମକୁ କାଲି ପର୍ଯ୍ୟନ୍ତ ନରଖିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି ।

ରାଜସ୍ୱ ବିଭାଗ ୨୪,୦୦୦ ଶିକ୍ଷାନୁଷ୍ଠାନକୁ ପଟ୍ଟା ଦେବାରେ ସଫଳ ହୋଇଥିବା ବେଳେ ୨୫,୦୦୦ ଭୂମିହୀନଙ୍କୁ ଜମି ଦେଇଛି । ତେବେ ଏଥିରେ ସରକାର ସନ୍ତୁଷ୍ଟ ନଥିବା ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଯେ ଅଧିକ ପିପୁଲ୍ସ ଫ୍ରେଣ୍ଡଲି ହେବାର ଆବଶ୍ୟକତା ରହିଛି । ଆମେ ଜନତାଙ୍କ ସେବକ, ତେଣୁ ଲୋକଙ୍କୁ ସେବା ଯୋଗାଇବା ଆମର ଦାୟିତ୍ୱ । ଅଫିସ ଆସିବା କ୍ଷଣି ମାଲିକ ଭାବରେ ସେବା ଯୋଗାଇବା ଦରକାର । ଫିଲ୍ଡ ଭିଜିଟ୍ ନିହାତି ଆବଶ୍ୟକ ଏବଂ ଏହା ଦ୍ୱାରା ଲୋକଙ୍କ ସମସ୍ୟା ଜାଣିବା ସହ ତା'ର ସମାଧାନ କରିବାର ମନୋଭାବ ରହିବା ଉଚିତ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି ।

### ଦୁର୍ଦ୍ଧାନ୍ତ ମାଓବାଦୀ...

ଜିଲ୍ଲା ଏସ୍‌ପି ଅମିତ ବରଦର କହିଛନ୍ତି, ଏନକାଉଣ୍ଟରରେ ୪ ଜଣ ପୁରୁଷ ଓ ୨ ଜଣ ମହିଳା ପ୍ରାଣ ହରାଇଛନ୍ତି । ମୃତକଙ୍କ ମଧ୍ୟରେ ହିଡମା, ତା'ର ପତ୍ନୀ ରାଜେ ଓ ସେମାନଙ୍କ ବଡିଗାର୍ଡସ ରହିଛନ୍ତି ।

୧୯୮୧ରେ ମଧ୍ୟପ୍ରଦେଶରେ ଥିବା ସୁକମାରେ ଜନ୍ମ ଗ୍ରହଣ କରିଥିବା ହିଡ୍‌ମା ସମୟକ୍ରମେ ପିପୁଲ୍ସ ଲିବେରେସନ ଗରିଲା ଆର୍ମିର ନେତୃତ୍ୱ ନେଇଥିଲା । ସେ ସିପିଆଇ ମାଓବାଦୀର କେନ୍ଦ୍ର କମିଟିରେ କନିଷ୍ଠ ସଦସ୍ୟ ଭାବେ ନିଜକୁ ସାମିଲ କରିବାକୁ ସକ୍ଷମ ହୋଇଥିଲା । ମାଓବାଦୀ କାର୍ଯ୍ୟକଳାପର ନିଷ୍ପତ୍ତି ଏହି କେନ୍ଦ୍ରୀୟ କମିଟି ନେଇଥାଏ । ସେ ବସ୍ତର ରିଜନର ଏକମାତ୍ର ଆଦିବାସୀ ସଦସ୍ୟ ଭାବେ କେନ୍ଦ୍ରୀୟ କମିଟିରେ ରହିଥିଲା ।

୪୩ ବର୍ଷୀୟ ହିଡମାର ମୁଣ୍ଡ ଉପରେ ୫୦ ଲକ୍ଷରୁ ୧ କୋଟି ଟଙ୍କା ଯାଏ ପୁରସ୍କାର ରହିଥିଲା । ତା' ପତ୍ନୀ ରାଜେ ଓରଫ ରାଜାକ୍କା ମଧ୍ୟ ସବୁବେଳେ ତା' ସହ ରହିଥାଏ । ଆଜି ଏନକାଉଣ୍ଟରରେ ରାଜେ ମଧ୍ୟ ନିହତ ହୋଇଛି । ୨୦୧୦ ମସିହାରେ ଦାନ୍ତେୱାଡାରେ ହୋଇଥିବା ନକ୍ସଲ ଆଟାକ ଠାରୁ ଆରମ୍ଭ କରି ୨୦୧୩ ଝିରାମ ଘାଟିରେ ହୋଇଥିବା ଆମ୍ବୁସ ଭଳି ବଡବଡ ନକ୍ସଲ ହମଲାରେ ହିଡମା ସକ୍ରିୟ ଭୂମିକା ଗ୍ରହଣ କରିଥିଲା । ଦାନ୍ତେୱାଡା ହମଲାରେ ୭୬ ଜଣ ସିଆରପିଏଫ ଯବାନ ସହିଦ ହୋଇଥିବା ବେଳେ ୨୦୧୩ ଝିରାମ ଘାଟି ଆକ୍ରମଣରେ ୨୭ ଜଣଙ୍କ ଜୀବନ ଯାଇଥିଲା ।

ମୃତକଙ୍କ ମଧ୍ୟରେ ଅନେକ କଂଗ୍ରେସ ନେତା ରହିଥିଲେ । ୨୦୨୧ ସୁକମା-ବିଜାପୁର ଆମ୍ବୁସରେ ମଧ୍ୟ ହିଡମା ସାମିଲ ଥିଲା । ଏଥିରେ ୨୨ ଜଣ ଯବାନ ସହିଦ ହୋଇଥିଲେ । ଏବେ ଏନକାଉଣ୍ଟର୍‌ରେ ହିଡମା ନିହତ ହେବା ମାଓବାଦୀ ସଂଗଠନ ପ୍ରତି ଶକ୍ତ ଝଟକା । ଏବେ ଅଧିକାଂଶ ମାଓବାଦୀ ଆତ୍ମସମର୍ପଣ କରୁଥିବା ବେଳେ ହିଡମାର ମୃତ୍ୟୁ ନକ୍ସଲବାଦର ଅଣ୍ଟା ଭାଙ୍ଗି ଦେଇଛି ।

### ବନ୍ଦ ଚିନିକଳ...

ସୃଷ୍ଟି କରୁଥିଲେ । ତେବେ କୌଣସି କାରଣର ନୟାଗଡ଼, ବଡମ୍ବା ଭଳି କେତେକ ଚିନିକଳକୁ ଘରୋଇ ମାଲିକମାନଙ୍କ ହାତକୁ ଟେକି ଦିଆଯାଇଥିଲା । ଏମାନେ ଚିନିକଳ ଚଳାଇବା ପରିବର୍ତ୍ତେ ଏହାର ସଂପତ୍ତିକୁ ବନ୍ଧକ ରଖି ବିଭିନ୍ନ ପଞ୍ଜି ଲଗାଣକାରୀ ସଂସ୍ଥାରୁ ବେଶ୍ ଫାଇଦା ଉଠାଇବାରେ ଲାଗିଲେ ।

ନିର୍ବାଚନ ସମୟରେ ପ୍ରାୟ ୧୦ବର୍ଷ ଧରି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଚିନିକଳ କାର୍ଯ୍ୟକ୍ଷକ କରିବା ପ୍ରସଂଗ ଉଠିଥାଏ । ତେବେ ନିର୍ବାଚନ ପରେ ଚିରାଚରିତ ଢଙ୍ଗରେ ନେତାମାନେ ଏ ସଂକ୍ରାନ୍ତୀୟ ପ୍ରତିଶ୍ରୁତି ସବୁକୁ ଭୁଲି ଯାଆନ୍ତି । ବନ୍ଦ ହୋଇଯାଇଥିବା ଚିନିକଳଗୁଡ଼ିକର ଯନ୍ତ୍ରପାତି ଆଉ କାର୍ଯ୍ୟକ୍ଷମ ହେବା ଅବସ୍ଥାରେ ନାହିଁ । ଅନେକ କ୍ଷେତ୍ରରେ କାରଖାନା ଘରସବୁ ଭୁଶୁଡ଼ିବା ଅବସ୍ଥାରେ । ତୁରନ୍ତ ଏ ସବୁର ପୁନରୁଦ୍ଧାର କରିବା ସଂଗେ ସଂଗେ ନୂଆ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ରାଜ୍ୟ ସରକାର ପୁଣି ସମବାୟ ଭିତ୍ତିରେ ରାଜ୍ୟର ଅନ୍ୟୁନ ୬ଟି ଚିନିକଳ ପ୍ରତିଷ୍ଠା କଲେ ଓଡ଼ିଶା ଏ କ୍ଷେତ୍ରରେ ବେଶ୍ ଲାଭବାନ ହୋଇପାରିବ ବୋଲି ଚାଷୀ ନେତାମାନେ କହୁଛନ୍ତି ।

### ସାଲିଆ ସାହିରେ...

ଭାଙ୍ଗିଛି । ବହୁ ଘର ଭଙ୍ଗା ବେଳେ ଲୋକମାନେ ପ୍ରତିବାଦ କରିଥିଲେ । ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ପୁଲିସ ଓ ପ୍ରଶାସନିକ ଅଧିକାରୀ ଲୋକମାନଙ୍କୁ ବୁଝାସୁଝା କରିଛନ୍ତି ।

ଉଚ୍ଛେଦ ଅଭିଯାନ ବେଳେ ଆଇନ ଶୃଙ୍ଖଳାକୁ ଆଖିରେ ରଖି ୫ ପ୍ଲାଟୁନ ପୁଲିସ ମୁତୟନ ହୋଇଛନ୍ତି । ଏକାମ୍ରକାନନ ଛକରୁ ହାତିଆସୁଣୀ ପଡିଆ ମଧ୍ୟରେ ସାଲିଆସାହି ଭିତରେ ବାକି ଥିବା ରାସ୍ତା କାମ ଆଗକୁ ନେବାକୁ ଏ ଉଚ୍ଛେଦ ଚାଲିଛି । ପ୍ରାୟ ୫୧୭ ଘର ଉଚ୍ଛେଦ କରିବାକୁ ବୁଲଡୋଜର ସହ ଏନଫୋର୍ସମେଣ୍ଟ ଟିମ୍, ପୁଲିସ ସହାୟତାରେ କାମ କରୁଛି ।

### ଖାଲି ହେବାକ...

ବିଶିଙ୍କ ସିଟ୍ ଖାଲି ହେବ । ସୂଚନାଯୋଗ୍ୟ, ନୂଆପଡ଼ାରେ ଦଖଲ ପରେ ସୁଜିତ୍‌ଙ୍କ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ପ୍ରସଂଶା କରିଥିଲେ । ଦଳ ତାଙ୍କୁ ପୁରଷ୍କୃତ କରିପାରେ ବୋଲି ଚର୍ଚ୍ଚା ହେଉଛି । ସୁଜିତ୍ କହିଲେ କଳାହାଣ୍ଡି ବିଷୟରେ ମୋର ଅଭିଜ୍ଞତା ଅଛି । ଦଳର ସଂସଦୀୟ ବୋର୍ଡଚୂଡ଼ାନ୍ତ ନିଷ୍ପତ୍ତି ନେବ ।

### ୧୦ ଜଣଙ୍କ ନାଁରେ...

ଅଭିଯୁକ୍ତମାନଙ୍କର ବିଭିନ୍ନ ସୋସିଆଲ ମିଡିଆ ଆକାଉଣ୍ଟ ଏବଂ ଆର୍ଥିକ ନେଣଦେଣ ସଂପର୍କିତ ତଥ୍ୟ ହାସଲ କରିଛି । ଅନ୍ୟ ଏକ ମାମଲାରେ ଏନ୍‌ଆଇଏ ଅନ୍ତରାଜ୍ୟ ମାଷ୍ଟରମାଇଣ୍ଡ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି, ଯାହାର ପାକିସ୍ତାନରୁ ପରିଚାଳିତ ସଂସ୍ଥା ସହିତ ସଂପର୍କ ରହିଛି ।


# ନେପାଳରେ ତ୍ରିରଙ୍ଗା ଉଡାଇଲେ ପାକିସ୍ତାନୀ ରାପର୍

**କାଠମାଣ୍ଡୁ,୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପାକିସ୍ତାନୀ ରାପର ତହ୍ଲା ଅଞ୍ଜୁମ ବର୍ତ୍ତମାନ ଖୁବ୍ ଚର୍ଚ୍ଚାରେ । ଏହି ସପ୍ତାହ ତଳେ ଅଞ୍ଜୁମ ନେପାଳରେ ଏକ ମ୍ୟୁଜିକ ଶୋ କରିଥିଲେ । ଯେଉଁଠି ସେ ରାପ୍ କରୁଥିବା ବେଳେ ଭାରତୀୟ ପତାକା ଉଡାଇବା ସହିତ ତ୍ରିରଙ୍ଗାକୁ ଘୋଡାଇ ହୋଇପଡିଥିଲେ । ଯାହାର ଭିଡିଓ ବର୍ତ୍ତମାନ ସୋସିଆଲ୍ ମିଡିଆରେ ଏକ ନୂଆବତର୍କ ଆରମ୍ଭ କରି ଦେଇଛି ।

ପାକିସ୍ତାନ ଗଣମାଧ୍ୟମ 'ଦ ଡନ'ର ରିପୋର୍ଟ ଅନୁସାରେ, ଅଞ୍ଜୁମ ଭାରତୀୟ ରାପର୍ ନେଜିଙ୍କ ଉଦ୍ଦେଶ୍ୟରେ ତାଙ୍କର ସଂଗୀତ କୌନ୍ ତଲହା ପରିବେଷଣ କରୁଥିଲେ । ଏହି ସମୟରେ ଭିଡ଼ ମଧ୍ୟରୁ କେହି ଜଣେ ତାଙ୍କ ଆଡ଼କୁ ଭାରତୀୟ ତ୍ରିରଙ୍ଗା ଫିଙ୍ଗିଥିଲେ । ଏହାପରେ ସେ ତ୍ରିରଙ୍ଗା ପତାକାକୁ ଧରି ପକାଇବା ସହ ଏହାକୁ ହାତରେ ଉଡାଇଥିଲେ ଏବଂ ଦେହରେ ଘୋଡାଇ ହୋଇପଡିଥିଲେ । ଯାହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଅଞ୍ଜୁମଙ୍କୁ ପାକିସ୍ତାନରେ ସମାଲୋଚନା କରାଯାଇଥିଲା । ସୋସିଆଲ୍ ମିଡିଆରେ ସମାଲୋଚନାର ଶିକାର ହେବା ପରେ ଅଞ୍ଜୁମ ସ୍ପଷ୍ଟୀକରଣ ଦେଇଛନ୍ତି ।

ଅଞ୍ଜୁମ କହିଛନ୍ତି "ମୋ ହୃଦୟରେ ଘୃଣା ପାଇଁ କୌଣସି ସ୍ଥାନ ନାହିଁ । ମୋ କଳାର କୌଣସି ସୀମା ସରହଦ ନାହିଁ । ଯଦି ମୋର ଭାରତୀୟ ପତାକା ଉଡାଇବା ବିବାଦ ହେଲା ତେବେ ବେସ୍ ହେଇଛି ମୁଁ ଆହୁରି ଉଡାଇବି । ମୁଁ କେବେ ଗଣମାଧ୍ୟମର ପ୍ରଚାର ଓ ଯୁଦ୍ଧପ୍ରିୟ ସରକାରଙ୍କର ପ୍ରଚାରକୁ ଖାତିର କରେ ନାହିଁ । ଉର୍ଦ୍ଦୁ ରାପ୍ ସର୍ବଦା ସୀମାହୀନ ଏବଂ ରହିବ ।"



ଭିଡିଓଟି ଭାଇରାଲ ହେବା ମାତ୍ରେ, ଅଞ୍ଜୁମଙ୍କୁ ସୋସିଆଲ ମିଡିଆରେ ସମାଲୋଚନାର ଶିକାର ହେବାକୁ ପଡିଲା । ଜଣେ ପାକିସ୍ତାନୀ ୟୁଜର ତାଙ୍କୁ ସମାଲୋଚନା କରି ଲେଖିଥିଲେ "ନେପାଳର ଏକ କନସର୍ଟରେ ତଲହା ଅଞ୍ଜୁମ ଭାରତୀୟ ପତାକା ଉଡାଛନ୍ତି,ଯେତେବେଳେକିଭାରତ ତାଙ୍କରସ୍ପଟିଫାଇ ଏବଂ ସମ୍ଭବତଃ ତାଙ୍କ ୟୁଟ୍ୟୁବକୁଚ୍ୟାନେଲ୍କୁ ବନ୍ଦ କରି ଦେଇଛି ।ଏହା ଆମ ନିଜ ଜାତୀୟତା ଭାବଅବକ୍ଷୟର ଏକ ଦୁଃଖଦସଂକେତ । କୌଣସି ଗର୍ବ ନାହିଁ,କୌଣସି ମର୍ଯ୍ୟାଦା ନାହିଁ... କେବଳ କଳାକାରମାନେ ସେମାନଙ୍କଠାରୁ ପ୍ରଶଂସା ପାଇବାକୁ ଆଗ୍ରହୀ ଯେଉଁମାନେ ସେମାନଙ୍କୁ ବନ୍ଦ କରିଛନ୍ତି ।" ଅନ୍ୟପଟେ ଜଣେ ଭାରତୀୟ ୟୁଜର ଅଞ୍ଜୁମଙ୍କ ବିଚାରକୁ ପ୍ରଶଂସା କରିଛନ୍ତି । ଭାରତର ଭଲପଣ ସବୁବେଳେ ଭଲ ଲୋକଙ୍କ ପାଖକୁ ବ୍ୟାପିବ ବୋଲି ସେ ଲେଖିଥିଲେ ।

# ଆମ୍ବୁଲାନ୍ସରେ ନିଆଁ ଲାଗି ଚାଲିଗଲା ୪ ଜୀବନ

**ଅହମଦାବାଦ,୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗୁଜରାଟରେ ଏକ ଅଭାବନୀୟ ଘଟଣା ଘଟିଛି । ମଙ୍ଗଳବାର ଭୋରରେ ଗୁଜରାଟର ଆରଭାଲ୍ଲୀ ଜିଲା ମୋଦାସା ସହର ନିକଟରେ ଏକ ଆମ୍ବୁଲାନ୍ସରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ନିଆଁରେ ଜଣେ ନବଜାତ ଶିଶୁ ଏବଂ ଡାକ୍ତରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି ।

ପୋଲିସ ସୂଚନା ମୁତାବକ, ଶିଶୁଟି ଜନ୍ମ ହେବାର ଦିନକ ପରେ ଅସୁସ୍ଥ ହେବାରୁ ଅଧିକ ଚିକିତ୍ସା ପାଇଁ ମୋଦାସା ସ୍ଥିତ ଏକ ହସ୍ପିଟାଲରୁ ଅହମଦାବାଦର ଏକ ଘରୋଇ ହସ୍ପିଟାଲକୁ ଅଣାଯାଉଥିଲା । ସେତିକିବେଳେ ମୋଦାସା-ଧନସୁରା ରାସ୍ତାରେ ହଠାତ ଆମ୍ବୁଲାନ୍ସରେ ନିଆଁ ଲାଗିଯାଇଥିଲା ।



ଅଗ୍ନିକାଣ୍ଡରେ ନବଜାତକ ଶିଶୁ, ଶିଶୁଙ୍କ ବାପା ଜିଗ୍‌ନେଶ ମୋଚି (୩୮), ଡାକ୍ତର ଶାନ୍ତିଲାଲ ରେଣ୍ଟିଆ (୩୦) ଏବଂ ନର୍ସ ଭୁରିବେନ ମନତ(୨୩)ଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଏପରିକି ନିଆଁରେ ଅନ୍ୟ ୩ଜଣ ପୋଡି ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ନକଲି ଘିଅ କାରଖାନାରେ ଚଢ଼ଉ

**ଫୁଲନଖରା,୧୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଫୁଲନଖରା ଅଞ୍ଚଳରେ ଏକ ନକଲି ଘିଅ କାରଖାନାରେ ଚଢ଼ାଉ ହୋଇଛି । ଉକ୍ତ କାରଖାନାରେ ନକଲି ଦୀପ ଘିଅ ଏବଂ ଖାଇବା ଘିଅ ପ୍ରସ୍ତୁତ ହେଉଥିବା ସୂଚନା ମିଳିବା ପରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଅପମିଶ୍ରଣ ପାଇଁ ରଖାଯାଇଥିବା ବିଭିନ୍ନ ସାମଗ୍ରୀ, ଲେବୁଲ ଓ ଅନ୍ୟାନ୍ୟ ଜିନିଷକୁ ଯାଞ୍ଚ କରାଯାଇଥିଲା । ଏଠାରୁ ରାଜ୍ୟର କେଉଁ ଅଞ୍ଚଳକୁ ନକଲି ଘିଅ ପଠାଯାଉଥିଲା ସେ ନେଇ ଅଧିକାରୀମାନେ ଯାଞ୍ଚ କରୁଛନ୍ତି । ସିଏମସିର ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ